# ମେଗା ପ୍ରକଳ୍ପରୁ ନିକଟସ୍ଥ ଲୋକଙ୍କୁ ମିଳୁନି ପାଣି

ଅନୁଗୋଳ,୧୫ ।୩(ସମିସ):



ତୁରଙ୍ଗ ପଞ୍ଚାୟତ ୧ନମ୍ବର ୱାର୍ଡ ଅନୁଗୋଳ ପୌରାଞ୍ଚଳ ସନ୍ନିକଟ ଏବଂ ସହରର ପ୍ରବେଶ ଦ୍ୱାର। ଏହି ୱାର୍ଡରେ ଭୋଟର ସଂଖ୍ୟା ୧୦୦୦ ଥିବା ବେଳେ ଜନସଂଖ୍ୟା ଢେର ଅଧିକ। ଭାରତୀ ଚିତ୍ରାଳୟ, ହୋଟେଲ ପ୍ରଶାନ୍ତି, ଏଫସିଆଇ ଗୋଦାମ, ହୋଟେଲ ଆଶୀର୍ବାଦ, କ୍ରିଏସନ ସେଣ୍ଟର, ଉମାଶାଙ୍କର ମନ୍ଦିର, କାଲଟାକ୍ସ ବଜାର ଭଳି ଅଞ୍ଚଳକୁ ନେଇ ଏହି ୱାର୍ଡ ଗଠିତ। ୱାର୍ଡରେ କିନ୍ତୁ ବିକାଶମୂଳକ କାର୍ଯ୍ୟ ଆଖିଦୃଶିଆ ହୋଇପାରି ନ ଥିବା ଅଭିଯୋଗ ହେଉଛି। ରାସ୍ତା, ଡ୍ରେନ, ଷ୍ଟ୍ରିଟଲାଇଟ, କ୍ଲବଘର, କୋଠ ଘର, ଅଙ୍ଗନବାଡ଼ି କେନ୍ଦ୍ର, ନଳକୂପ, ପାନୀୟ ଜଳଯୋଗାଣ ଆଦି କ୍ଷେତ୍ରରେ ଅବହେଳିତ ୱାର୍ଡବାସୀ। ପାନୀୟ ଜଳଯୋଗାଣ ପ୍ରକଳ୍ପ ଥିଲେ ବି ପ୍ରକଳ୍ପରରୁ ପାଣି ମୁନ୍ଦେ ପାଉନାହାନ୍ତି ୱାର୍ଡବାସୀ। ଏହି ଅଞ୍ଚଳରେ ପରିମଳ, ଡ୍ରେନ୍, ପାନୀୟ ଜଳଯୋଗାଣ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ବସୁଧା ଯୋଜନାରେ ପାନୀୟ ଜଳଯୋଗାଣ ମେଗା ପ୍ରକଳ୍ପ ଉକ୍ତ ଅଞ୍ଚଳରେ ସ୍ଥାପନ ହୋଇ ତୁରଙ୍ଗ ପଞ୍ଚାୟତ ସମେତ ପଡ଼ୋଶୀ କାଣ୍ଡସର ଓ ରାଣୀଗୁଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମବାସୀଙ୍କୁ ପାଣି ମିଳୁଥିବା ବେଳେ ଓଭର ହେଡ ପାଣି ଟାଙ୍କି ତଳେ ଥିବା ତୁରଙ୍ଗ ପଞ୍ଚାୟତର ୧ନମ୍ବର ୱାର୍ଡବାସୀଙ୍କୁ ସେଥିରୁ ମୁନ୍ଦେ ପାଣି ମିଳୁ ନ ଥିବା ପରିତାପର ବିଷୟ ହୋଇଛି। ଉକ୍ତ ୱାର୍ଡକୁ ପୂର୍ବରୁ କେବେ ଜଳ ଯୋଗାଣ ବା ନଳକୂପ ବ୍ୟବସ୍ଥା ହୋଇନି କି ଗତବର୍ଷଠାରୁ ଚାଲିଥିବା ମେଗା ପ୍ରକଳ୍ପରୁ ପାନୀୟ ଜଳ ପହଞ୍ଚି ପାରିନି। ଏଠି ଜଳ ଯୋଗାଣ ନାହିଁ କି ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ରାସ୍ତାରେ ଡ୍ରେନ୍ ନାହିଁ। ଏଠାରେ ଅଳିଆ ସଫେଇ ହେଉନାହିଁ। ତେଣୁ ରାସ୍ତା କଡ଼ରେ ଗଦା ହୋଇ ରହୁଥିବା ଅଳିଆରୁ ଦୁର୍ଗନ୍ଧ ବାହାରିବା ଦ୍ୱାରା ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଯେଉଁଠି ରାସ୍ତା, ଡ୍ରେନ ନାହିଁ ସେଠାରେ ଷ୍ଟ୍ରିଟ୍ ଲାଇଟ୍ କଥା ନ କହିବା ଭଲ। ଏହି ୱାର୍ଡରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। କୁନି ଛାତ୍ରଛାତ୍ରୀ ପ୍ରାକ୍ ସ୍କୁଲ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ପଞ୍ଚାୟତରେ ରହିଥିଲେ ମଧ୍ୟ ସହରୀ ଚଳଣିରେ ଛନ୍ଦି ହୋଇପଡ଼ିଛନ୍ତି ୱାର୍ଡବାସୀ। ଉକ୍ତ ଅଞ୍ଚଳରେ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଷ୍ଟାର ହୋଟେଲ, ବିବାହ ମଣ୍ଡପଗୁଡ଼ିକ ଯୋଗୁଁ ପରିମଳ ଓ ଶବ୍ଦ ପ୍ରଦୂଷଣ ଏବଂ ଅଣାୟତ୍ତ ଟ୍ରାଫିକ ସମସ୍ୟା ଯୋଗୁଁ ସ୍ଥାନୀୟ ଲୋକେ ଦହଗଞ୍ଜ ହେଉଛନ୍ତି। ମୁଖ୍ୟତଃ ଛାତ୍ରଛାତ୍ରୀ ସ୍କୁଲ ଯିବାଆସିବା କରିବା ଏବଂ ଘରେ ରାତିରେ ପଢ଼ାପଢ଼ି କରିବାରେ ଅସୁବିଧା ଭୋଗୁଛନ୍ତି। ଏହାର ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଅନେକ ଥର ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି। ସ୍ଥାନୀୟ ବାସିନ୍ଦା କୁହନ୍ତି, ସରକାରଙ୍କ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଏ ଅଞ୍ଚଳକୁ ପହଞ୍ଚି ପାରିନି। ସାହିରେ ଗୋଟିଏ ନଳକୂପ ଥିଲା ସେ ପୁଣି ଜଣେ ବ୍ୟକ୍ତିଙ୍କ କବଜାରେ ରହିଗଲା। ଏ ଅଞ୍ଚଳର ଭୂତଳ ଜଳସ୍ତର ବହୁ ନିମ୍ନରେ। ଆମେ ଚଳିଯାଉଛୁ କେବଳ ଉପର ମୁଣ୍ଡରେ ଥିବା ମନ୍ଦିର ପୋଖରୀ ଯୋଗୁଁ। ସାହିରେ ଆଜି ଅନେକ ଘରେ ପାରମ୍ପରିକ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ବିଭିନ୍ନ ସ୍ଥାନରେ ତାର ଝୁଲନ୍ତା ଅବସ୍ଥାରେ ରହିଛି। ଫଳରେ ଲୋକଙ୍କ ପ୍ରତି ବିପଦ ସାଜିଛି। ଅନ୍ୟପଟେ ବରିଷ୍ଠ ନାଗରିକମାନେ ଯେଉଁ ମୌଳିକ ସୁବିଧା ସୁଯୋଗ ପାଇବା କଥା ତାହା ପାଇପାରୁ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ ଆରୋହୀ ଗୁରୁତର

ପାଲଲହଡ଼ା,୧୫ ।୩(ସମିସ): ରବିବାର ସନ୍ଧ୍ୟାରେ ୪୯ନଂ ଜାତୀୟ ରାଜପଥର ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବନ୍ଧାଭୂଇଁ ପଞ୍ଚାୟତ ପଟାମୁଣ୍ଡ ଗାଁର ଘନଶ୍ୟାମ ନାଏକ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଘନଶ୍ୟାମ ଏକ କୋଚିଂ ସେଣ୍ଟର ଚଳାଉଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ବିଜେପିର ଦୀନଦୟାଲ ପ୍ରଶିକ୍ଷଣ କର୍ମଶାଳା



ଅନୁଗୋଳ,୧୫ ।୩(ସମିସ): ମା' ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ କୋଶଳା ମଣ୍ଡଳର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦଘାଟନ କରିଥିଲେ। ବକ୍ତା ଭାବେ ପୂର୍ବତନ ଜିଲ୍ଲା ଉପ ସଭାପତି ଲିଙ୍ଗରାଜ ଦାସ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ ଓ ରାଜ୍ୟ ମହିଳା ମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ ଶୁଚିସ୍ମିତା ତ୍ରିପାଠୀ ଯୋଗଦେଇଥିଲେ। ଜିଲ୍ଲା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ଜିଲ୍ଲା ସମ୍ପାଦକ ଗୋପବନ୍ଧୁ ଗଡ଼ନାୟକ ଓ ଯଶୋବନ୍ତ ପ୍ରସାଦ ବେହେରା ସହଯୋଗ କରିଥିଲେ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ




ଅନୁଗୋଳ,୧୫ ।୩(ସମିସ): ସାମାଜିକ ସଂଗଠନ "ସ୍ପନ୍ଦନ' ତରଫରୁ ଜିଲ୍ଲା ବୈଧ ମାପ ଓଜନ, ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରିଣୀ ମିନାରବାଳା ସେନ ଉଦଘାଟନ କରିବା ସହ ଚଳିତ ବର୍ଷର ବିଷୟବସ୍ତୁ "ନିରାପଦ ଉତ୍ପାଦ, ଅଶ୍ୱସ୍ତ ଗ୍ରାହକ' ସମ୍ବନ୍ଧରେ ଆଲୋଚନା କରିଥିଲେ। ଯେକୌଣସି ଜିନିଷ କିଣିବା ବେଳେ ସତର୍କତା ଅବଲମ୍ବନ କରିବା ସହ ଜିନିଷ କିଣିବା ପରେ ତାହାର ରସିଦ ମାଗି ପାଖରେ ଯତ୍ନର ସହ ରଖିଲେ ପରବର୍ତ୍ତୀ ସମୟରେ କୌଣସି ଠକାମିର ଶିକାର ହେଲେ ତାହା କାମରେ ଆସିଥାଏ ବୋଲି ଗୁରୁତ୍ୱାରୋପ କରିଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିମାନଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସନ୍ତୋଷ କୁମାର ମିଶ୍ର ଯୋଗଦେଇ କହିଲେ, ଖାଉଟିମାନେ ସବୁ ସ୍ତରରେ ଠକାମିର ଶିକାର ହେଉଛନ୍ତି। ତେଣୁ ଜିନିଷ କିଣିବା ପୂର୍ବରୁ ତାହାର ଗୁଣବତ୍ତା ସହ ଓଜନ, ଉତ୍ପାଦନ ତାରିଖ, ସମୟ ସୀମା ସମାପ୍ତ ତାରିଖ ଇତ୍ୟାଦି ଦେଖିବରୁ ପରାମର୍ଶ ଦେଇଥିଲେ। ଏହି ସଚେତନତା ବାର୍ତ୍ତା ଅନ୍ୟମାନଙ୍କୁ ବାଣ୍ଟିବାକୁ ଆହ୍ୱାନ ଦେଇଥିଲେ। ଓଜନ ମାପ ବିଭାଗ ଅତିରିକ୍ତ ନିରୀକ୍ଷକ ସୌମ୍ୟରଞ୍ଜନ ଘୋଷ, ପ୍ରାଧ୍ୟାପକ ଶିବପ୍ରସାଦ ମଲ୍ଲିକ, ମିତାଲି ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ଏହି ଅବସରରେ ଗ୍ରାହକମାନଙ୍କ ଜାଗରଣ ପାଇଁ କବି ସାନନ୍ଦ ଚନ୍ଦ୍ର ପରିଡ଼ା ଏବଂ ସୁଶୀଲ କୁମାର ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। "ସ୍ପନ୍ଦନ'ର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। "ସ୍ପନ୍ଦନ'ର ସଦସ୍ୟ-ସମ୍ପାଦକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କାର-ବାଇକ୍ ଧକ୍କା; ଦୁଇ ଗୁରୁତର

ଅନୁଗୋଳ,୧୫ ।୩(ସମିସ): ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେନ୍ତପୁର ଗ୍ରାମ ନିକଟ ଓଭର ବ୍ରିଜ୍‌ଠାରେ ରବିବାର ଅପରାହ୍ନ ୨ଟାରେ କାର-ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଦ୍ୱୟ ହେଲେ ବେନ୍ତପୁର ଗ୍ରାମର ପବନା ଭୋଇ ଓ ବସନ୍ତ ଭୋଇ। ସମ୍ପର୍କରେ ଦୁହେଁ ଶଳା-ଭିଣୋଇ ବୋଲି ଜଣାପଡ଼ିଛି। ଉଭୟ ଗୋଟିଏ ବାଇକରେ ଯାଉଥିଲେ। ଓଭର ବ୍ରିଜ୍ ନିଟକ ପେଟ୍ରୋଲପମ୍ପ ନିକଟରେ ଗାଡ଼ିରେ ତେଲ ପକାଇ ରାସ୍ତାର ଅନ୍ୟ ପାଶ୍ୱର୍କୁ ଯାଉଥିବା ସମୟରେ ଏକ କାର ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟ ରାସ୍ତାରେ ପଡ଼ି ରହିଥିବା ବେଳେ କାଙ୍ଗୁଲା ବେନ୍ତପୁର ପଞ୍ଚାୟତ ବେନ୍ତପୁର ଗ୍ରାମର ସମାଜସେବୀ ତାପସ କୁମାର ପାଲ ଆମ୍ବୁଲାନ୍ସ ଡକାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସଦର ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

## ତାଳଚେରରେ ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ



ତାଳଚେର,୧୫ ।୩(ସମିସ): ତାଳଚେର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହୋଇଛି। ଏଥିରେ ୩୨୦ଟି ମକଦ୍ଦମାର ବିଚାର କରାଯାଇଥିଲା। ବ୍ୟାଙ୍କ ସମ୍ପର୍କିତ ମାମଲାରେ ୧ଲକ୍ଷ, ୭୪ହଜାର ୧୬୪ ଟଙ୍କା, ୨୨୭ଟି ରାଜସ୍ୱ ମାମଲା ୧୭ ହଜାର ୭୬୩ ଟଙ୍କାରେ, ୩୩ଟି ଟ୍ରାଫିକ ଚାଲାଣ ମାମଲା ୮୮ ହଜାର ୫ ଟଙ୍କାରେ, ଟିପିସିଓଡିଏଲର ୪ ମାମଲା ୧ଲକ୍ଷ ୭୬ ହଜାର ଟଙ୍କାରେ ଫଇସଲା କରାଯାଇଥିଲା। ତାଳଚେର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ କରଙ୍କ ଅଦାଲତ ୨୪ଟି ମଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରି ୧ କୋଟି ୧୨ଲକ୍ଷ, ୯୦ହଜାର ଟଙ୍କା କ୍ଷତିପୂରଣ ଆଦାୟ କରାଯାଇଥିବା ବେଳେ ୫ଟି ଦେୱାନୀ, ୩ଟି ଫୌଜଦାରୀ ଅପିଲ, ୫ଟି ଫୌଜଦାରୀ ରିଭିଜନ୍, ୧୧ ସ୍ପେଶାଲ କେସ୍ ସମାଧାନ କରିଥିଲେ। ସେହିଭଳି ଅନ୍ୟ ଅଦାଲତଗୁଡ଼ିକ ୪ଟି ଚେକ୍ ବାଉନ୍ସ ମାମଲାର ବିଚରାକରି ୪ ଲକ୍ଷ ୮୭ ହଜାର ୭୨୦ ଟଙ୍କାରେ ସମାଧାନ କରିଥିଲେ। ଏତଦ୍ ବ୍ୟତୀତ ୧୩ଟି ଦେୱାନୀ ମାମଲାର ସମାଧାନ କରାଯାଇଥିଲା। ୯ଟି ବିଚରାଧନ ବ୍ୟାଙ୍କ ସମ୍ପର୍କିତ ମାମଲା, ୭ଟି ପାରିବାରିକ (ଛାଡ଼ପତ୍ର ବ୍ୟତୀତ) ମାମଲା, ୧୫୬ଟି ଫୌଜଦାରୀ ମାମଲା, ୩ଟି ଟ୍ରାଫିକ ଚାଲାଣ ମାମଲାର ଫଇସଲା କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ତାଳଚେରରେ ଥିବା ସମସ୍ତ ଅଦଲତ, ବିଭିନ୍ନ ତହସିଲ, ବ୍ୟାଙ୍କ, ଟିପିସିଓଡିଏଲ କାର୍ଯ୍ୟାଳୟ, ପରିବହନ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସହାୟତା କମିଟି ତାଳଚେରର ଅଧ୍ୟକ୍ଷ ସତ୍ୟନାରାୟଣ କରଙ୍କ ତତ୍ତ୍ୱାବଧାନରେ ଅଦାଲତ ଅନୁଷ୍ଠିତ ହୋଇଥିଲା।

## ଜଳୁଛି ବାରୁଆଁ ପାହାଡ଼

ଅନୁଗୋଳ,୧୫ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ତାଳଚେର ରେଞ୍ଜ ଅନ୍ତର୍ଗତ ବାରୁଆଁ ପାହାଡ଼ ଜଳୁଛି। ନିଆଁକୁ ଆୟତ୍ତ କରିବାରେ ଜଙ୍ଗଲ ବିଭାଗ ସଫଳ ହୋଇପାରିନି। ପାହାଡ଼ର ପ୍ରାୟ ଦୁଇ ତିନି କିଲୋମିଟର ବ୍ୟାପୀ ନିଆଁ ଲାଗିଥିବା ଦୂରରୁ ଦେଖାଯାଉଛି। ନିଆଁ ଲାଗିବା ଦ୍ୱାରା ବହୁ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହେଉଛି। ଦୁର୍ବୃତ୍ତମାନେ ନିଆଁ ଲଗାଉଥିବା ବେଳେ ଜଙ୍ଗଲ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ସଚେତନତା ଓ କଟକଣା ଅଭାବରୁ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଥିବା ଚର୍ଚ୍ଚା ହେଉଛି। ନିଆଁ ଆୟତ୍ତ କରିବା ନିମନ୍ତେ ବିଭାଗର ସମସ୍ତ କର୍ମଚାରୀ ଦିନତମାମ ଲାଗିଥିବା ବେଳେ ଖୁବଶୀଘ୍ର ଏହା ଆୟତ୍ତ ହେବ ବୋଲି ସ୍ଥାନୀୟ ଶିପୁର ଫରେଷ୍ଟର ଦୀନବନ୍ଧୁ ନାୟକ ସୂଚନା ଦେଇଛନ୍ତି।

## ଏନଟିପିସି ଥର୍ମାଲରେ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ



ତାଳଚେର,୧୫ ।୩(ସମିସ): ତାଳଚେର ଏନଟିପିସି ଥର୍ମାଲରେ ମାର୍ଚ୍ଚ ୪ରୁ ୧୧ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଜାତୀୟ ସୁରକ୍ଷା ସପ୍ତାହ ବୁଧବାର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ କର୍ମଚାରୀ, ଠିକା କର୍ମଚାରୀ, ଛାତ୍ର ଏବଂ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ନିର୍ଦ୍ଦେଶକ ଏବଂ ପ୍ରକଳ୍ପ ମୁଖ୍ୟ ବିଜୟ ଚାନ୍ଦ, ଏନଟିପିସିର ମହାପ୍ରବନ୍ଧକ (ପ୍ରକଳ୍ପ) ପ୍ରବୀର କୁମାର, ବିଏଚଇଏଲର ପ୍ରକଳ୍ପ ନିର୍ଦ୍ଦେଶକ ମହାପ୍ରବନ୍ଧକ ବି ମାଝୀ, ସିଆଇଏସଏଫର ଡେପୁଟି କମାଣ୍ଡାଣ୍ଟ ରାଜେଶ ଦୟାଲ, ବିଭାଗୀୟ ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବାଳଭବନର ଛାତ୍ରଛାତ୍ରୀମାନେ ବିଷ୍ଣୁବନ୍ଦନା ନୃତ୍ୟ ପରିବେଶଣ କରିଥିଲେ। ଠିକା କର୍ମଚାରୀମାନେ ଦୈନିକ କାର୍ଯ୍ୟରେ ନିରାପଦ ଅଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରି ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଇଡି ଏବଂ ଏଚଓପି ଚାନ୍ଦ କହିଥିଲେ ଯେ ସୁରକ୍ଷା ସପ୍ତାହ କେବଳ ସପ୍ତାହ ବ୍ୟାପୀ ପାଳନ ସୀମିତ ନ କରି କାର୍ଯ୍ୟସ୍ଥଳ, ଘର, ସମାଜରେ କାର୍ଯ୍ୟକୁ ମାଗଦର୍ଶକ ଭାବେ ଏଥିପ୍ରତି ନିରନ୍ତର ପ୍ରତିବଦ୍ଧ ହେବା ଉଚିତ ବୋଲି କହିଥିଲେ। ସୁରକ୍ଷା ମୁଖ୍ୟ ସଞ୍ଜୟ ଭକ୍ତାର ଧନ୍ୟବାଦ ଅର୍ପଣ କରିଥିଲେ।



## ପାଲଲହଡ଼ା ଓକିଲ ସଂଘ ନିର୍ବାଚନ

## ସମସ୍ତ ୪ ପ୍ରାର୍ଥୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ





ପାଲଲହଡ଼ା,୧୫ ।୩(ସମିସ): ପାଲଲହଡ଼ା ଓକିଲ ସଂଘ ନିର୍ବାଚନ ପାଇଁ ଗତ ୭ ତାରିଖ ସଭାପତି ପଦ ପାଇଁ ମନୋରଞ୍ଜନ ପାଲ, ଉପସଭାପତି ପାଇଁ ସରୋଜ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପାଇଁ ରଶ୍ମିରଞ୍ଜନ ପଟ୍ଟନାୟକ, ସହ ସମ୍ପାଦକ ପାଇଁ ପ୍ରଶାନ୍ତ କୁମାର ସାମଲ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୧୧ ତାରିଖ ନାମାଙ୍କନ ପତ୍ର ଯାଞ୍ଚ ଓ ଶୁକ୍ରବାର ଥିଲା ପ୍ରତିହାର ଦିନ। ତେବେ ଏହି ଚାରି ପ୍ରାର୍ଥୀଙ୍କ ବିରୋଧରେ ଆଉ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ତେଣୁ ସମସ୍ତେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଦାୟିତ୍ୱରେ ଥିବା ଆଇନଜୀବୀ ମାନସ ରଞ୍ଜନ ଭଞ୍ଜ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂଘର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ 'ଔ' ନାଳ ପୋଲ

ତାଳଚେର,୧୫ ।୩(ସମିସ):



ତାଳଚେର ପୌରପରିଷଦ ୱାର୍ଡ ନଂ-୧୬ ଗୋପୀନାଥପୁର ଗ୍ରାମର ଶ୍ମଶାନଘାଟକୁ ଲାଗି ରହିଥିବା ବହୁପୁରାତନ "ଔ' ନାଳ ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପୌରପରିଷଦ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାଜାରାଜୁଡ଼ା ଅମଳର ଏହି ପୋଲ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ପୋଲ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଏହା ଉପରେ କୌଣସି ଗାଡ଼ିମଟର ଚାଲିଗଲେ ଏହା ଦୋହଲି ଯାଉଛି।

ଗୋପୀନାଥପୁରର ଗ୍ରାମର ଶତାଧିକ ପୁରୁଷ, ମହିଳା, ସ୍କୁଲ, କଲେଜ ଛାତ୍ରଛାତ୍ରୀ ମେଡିକାଲ, ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ଇତ୍ୟାଦି କାମରେ ପ୍ରତ୍ୟେକ ଦିନ ଏହି ପୋଲଦେଇ ଯାତାୟାତ କରନ୍ତି। ତାଳଚେର ସହରବାସୀଙ୍କ ସମେତ ବିଭିନ୍ନ ଗାଁରୁ ଲୋକମାନେ ବିବାହ, ବ୍ରତ, ଜନ୍ମଦିନ, ପିଣ୍ଡଦାନ, ପୂଜାପାଠ କରିବା ଉଦ୍ଦେଶ୍ୟରେ ତାଳଚେରର ଐତିହାସିକ ପଶ୍ଚିମେଶ୍ୱର ଶୈବପୀଠକୁ ଯିବାକୁ ହେଲେ ଏହି "ଔ'ନାଳ ପୋଲ ହେଉଛି ଏକମାତ୍ର ବିକଳ୍ପ। ଏହି ପୋଲକୁ ଲାଗି ଶାନ୍ତିଧାମ ଶ୍ମଶାନଘାଟ ରହିଛି। ଏହି ବିପଦପୂର୍ଣ୍ଣ ପୋଲ ଉପରେ କୋକେଇ ଧରି ଲୋକମାନେ ମଧ୍ୟ ଶବଦାହ କରିବା ନିମନ୍ତେ ଯାଇଥାନ୍ତି। ବଡ଼ବଜାର ଛକରୁ ମଣ୍ଡାପାଳ ହସ୍ପିଟାଲ ଦେଇ ଏକ ସିଙ୍ଗଲ କଙ୍କ୍ରିଟ ରୋଡ୍ ରହିଛି, ଯାହାକି ଏହି "ଔ' ନାଳ ପୋଲକୁ ସଂଯୋଗ କରୁଛି। ଏହି ରୋଡ୍‌ର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଉଭୟ ପାଶ୍ୱର୍ରେ ଖାଲଖମା, ଆବଡ଼ା ଖାବଡ଼ା, ଦୁଇକଡ଼ରେ ବାଲି ଭର୍ତ୍ତି। ଲୋକେ ନିଜ ଭାଗ୍ୟକୁ ଆଦରି ଏହି ରାସ୍ତାରେ ଚଳପ୍ରଚଳ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ନିର୍ବାଚନ ସମୟରେ ନେତାଏ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇଯାଉଛନ୍ତି। ନିର୍ବାଚନ ଶେଷ ହେଲାପରେ ସେମାନଙ୍କ ଦେଖା ଆଉ ମିଳି ନ ଥାଏ। ସେହିପରି ସହରଠାରୁ ଗୋପୀନାଥପୁର ଗ୍ରାମଦେଇ ପଶ୍ଚିମେଶ୍ୱର ଶୈବପୀଠକୁ ପ୍ରାୟ ୩କିମି ଏକ ରାସ୍ତା ଯାଇଛି ଯାହାର ଅବସ୍ଥା ମଧ୍ୟ ଶୋଚନୀୟ। ଶ୍ରଦ୍ଧାଳୁମାନେ ଶୈବପୀଠକୁ ଦର୍ଶନ କରିବାକୁ ଗଲେ ଦହଗଞ୍ଜ ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଥିଲେ ହେଁ ଆଜିପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ "ଔ'ନାଳ ପୋଲ ମରାମତି କିମ୍ବା ନୂତନ ପୋଲ ନିର୍ମାଣ କରିବାକୁ ଦାବି ହେଉଛି।



● ଜଙ୍ଗଲ ଜମିକୁ ନେଇ ବିବାଦ

# ଚାଷୀଙ୍କୁ ୧୬୩, ବଡ଼ ଲୋକଙ୍କୁ ମାପ୍

ମହାକାଳପଡ଼ା,୧୫।୩(ସମିସ): ପେଟଛେଲା ପଞ୍ଚାୟତରେ ଜଙ୍ଗଲ କିସମ ଜମିକୁ କେନ୍ଦ୍ର କରି ବିବାଦ ତୀବ୍ର ଆକାର ନେଇଛି। ଗ୍ରାମବାସୀଙ୍କ ଅଭିଯୋଗ



ଅନୁଯାୟୀ, କିଛି ଚାଷୀ ସେହି ଜଙ୍ଗଲ କିସମ ଜମିରେ ଧାନଚାଷ କରିଥିବାବେଳେ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଧାନ କାଟି ନେଇଥିଲା। ସେଠାରେ ୧୬୩ ଲାଗୁ କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ସେହି ଜଙ୍ଗଲ କିସମ ଜମିରେ ବର୍ତ୍ତମାନ ଏକ ବଡ଼ ଆକାରର ଘର ନିର୍ମାଣ ଚାଲିଥିବାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମବାସୀ ଏହାକୁ ନେଇ ଥାନାରେ ଅଭିଯୋଗଗ ଦାଖଲ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ପୁଲିସ ରିପୋର୍ଟ ଆଧାରରେ ଆଗରୁ ସେଠାରେ ୧୬୩ ଧାରା ଲାଗୁ କରାଯାଇଥିଲା। ତେବେ ସେହି ସ୍ଥାନରେ ଏତେ ବଡ଼ ଘର ନିର୍ମାଣ ଚାଲିଥିବା ସତ୍ତ୍ୱେ ପୁଲିସ କିପରି ଅଜ୍ଞାତ ରହିଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏଥିସହିତ ଗ୍ରାମବାସୀ ତହସିଲଦାରଙ୍କୁ ଫୋନ କରି ଅଭିଯୋଗ କରିଥିବାବେଳେ ତହସିଲଦାର ପୁଲିସ ଏହାକୁ ଦେଖିବ ବୋଲି କହିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ଏହା ତହସିଲ ପ୍ରଶାସନର ବିଷୟ ବୋଲି କୁହାଯାଉଥିବାରୁ ଦୁଇପକ୍ଷ ମଧ୍ୟରେ ଦାୟିତ୍ୱ ଟାଣାଟାଣି ଚାଲିଥିବା ଦେଖାଯାଉଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି ଯେ, ଯଦି ଚାଷୀ ଜଙ୍ଗଲ ଜମିରେ ଚାଷ କଲେ ତାଙ୍କର ଧାନ କାଟି ନିଆଯାଉଛି, ତେବେ ସେହି ଜମିରେ ବଡ଼ ଆକାରର ଘର କିପରି ନିର୍ମାଣ ହେଉଛି? ଏହାକୁ ନେଇ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି ଯେ, ଆଇନ କେବଳ ଗରିବ ଓ ସାଧାରଣ ଲୋକଙ୍କ ପାଇଁ ଲାଗୁ କରାଯାଉଛି କି? ଏ ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ରାଜଗଡ଼-ବାଗଡ଼ିଆ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ତିନିମାସ ନ ପୂରୁଣୁ ଫାଟିଗଲା ରାସ୍ତା

କେନ୍ଦ୍ରାପଡ଼ା,୧୫।୩(ସମିସ)



ଗ୍ରାମ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ସିଏମଆରଏଲ ଯୋଜନାରେ ମହାକାଳପଡ଼ା ବ୍ଲକର ରାଜଗଡ଼ଠାରୁ ମାର୍ଶାଘାଇ ବ୍ଲକର ବାଗଡ଼ିଆ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି। ସମ୍ପ୍ରତି ଶେଷ ହୋଇଥିବା ପିଚୁ କାମର ତିନିମାସ ନ ପୂରୁଣୁ ରାସ୍ତାରେ ଫାଟ ଦେଖିବାକୁ ମିଳିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ରାଜଗଡ଼ ଗ୍ରାମ ଶ୍ମଶାନଠାରୁ ଅଶ୍ୱଦଣ୍ଡା ପର୍ଯ୍ୟନ୍ତ ପ୍ରାୟ ୫୦୦ ମିଟରରୁ ଅଧିକ ଅଂଶରେ ନୂତନ ପିଚୁ ରାସ୍ତାରେ ଏପରି ଫାଟ ପଡ଼ିଛି। ଯେଉଁଥିରେ ତିନି ଆଙ୍ଗୁଳି ସହଜରେ ପଶିଯାଉଛି। ରାସ୍ତା କଡ଼ରେ ସାଇଡୱାଲ ନିର୍ମାଣ ହୋଇଥିଲେ ମଧ୍ୟ ପିଚୁ ତଳଭାଗ ଫାଟିଯାଇଥିବା ଦେଖି ସ୍ଥାନୀୟ ଲୋକେ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରାୟ ୩ କିମି ୬୦୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ଉନ୍ନତିକରଣ ପାଇଁ ୨୦୨୩ରେ ୨ କୋଟି ୫୦ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ସେ ବର୍ଷରେ ରାସ୍ତା କାର୍ଯ୍ୟର ଶୁଭାରମ୍ଭ ହୋଇଥିଲେ ମଧ୍ୟ ସେତେବେଳେ କେବଳ ପ୍ରାଥମିକ ଭାବେ ମାଟି କାମ କରାଯାଇଥିଲା। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଠିକାଦାର କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନ ଥିବାରୁ ପରେ ୨୦୨୪ ଡିସେମ୍ବର ମାସରେ ପୁଣିଥରେ କାମ ଆରମ୍ଭ କରାଯାଇଥିଲା। ସମଗ୍ର ରାସ୍ତାରୁ ପ୍ରାୟ ୨ କିମି ୮୦୦ ମିଟର ଅଂଶରେ ପିଚୁ କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଅବଶିଷ୍ଟ ପ୍ରାୟ ୧ କିମି ଅଂଶରେ କଂକ୍ରିଟ କାମ ସଂପ୍ରତି ଜାରି ରହିଛି। କିନ୍ତୁ ନୂତନ ପିଚୁ କାର୍ଯ୍ୟ ଶେଷ ହେବା ସହିତ ରାସ୍ତା ଫାଟିଯିବା ଘଟଣା କାର୍ଯ୍ୟର ଗୁଣବତ୍ତା ଉପରେ ସନ୍ଦେହ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ନିୟମିତ ସ୍ଥଳ ପରିଦର୍ଶନ କରୁ ନ ଥିଲେ। ଫଳରେ ଠିକାଦାର ମନମୁତାବକ କାର୍ଯ୍ୟ କରିଥିବା ସନ୍ଦେହ ହେଉଛି। ଏହି ପରିସ୍ଥିତିରେ ରାସ୍ତା ନିର୍ମାଣରେ ଘଟିଥିବା ଅନିୟମିତତାକୁ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରିବା ସହ ଦାୟୀ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜଗଡ଼ ଓ ପାଖାପାଖି ଅଞ୍ଚଳର ଗ୍ରାମବାସୀ ଦାବି କରିଛନ୍ତି।

● ଦ୍ୱିତୀୟ ଦିନରେ ଶ୍ୟାମସୁନ୍ଦରପୁର ମଣ୍ଡିରେ ଚାଷୀଙ୍କ ଧାରଣା

# ୱାଚ୍‌ମ୍ୟାନଙ୍କ ଅଶାଳୀନ ବ୍ୟବହାର ସହ ମାଡ଼ ଧମକ

ପଟ୍ଟାମୁଣ୍ଡାଇ,୧୫।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମଣ୍ଡିରେ ଘୋର ଅବ୍ୟବସ୍ଥା ସହିତ ସୋସାଇଟି ସେକ୍ରେଟାରୀ ତପନ ସ୍ୱାଇଁ ଓ ୱାଚମ୍ୟାନ୍ ଗଙ୍ଗାଧର ମଲିକଙ୍କ ଅଶାଳୀନ ବ୍ୟବହାର ସୀମା ଟପିସାରିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଯାହାର ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମଣ୍ଡିରେ ଧାନ ରଖି ଚାଷୀ ଜଗି ରହିଥିଲେ ବି ଧାନ ଉଠାଇବାର କୌଣସି ବ୍ୟବସ୍ଥା ସୋସାଇଟି ସେକ୍ରେଟାରୀ କରିନାହାନ୍ତି। ଆଗକୁ ବର୍ଷା ହେବାର ସମ୍ଭାବନା ଥିବାରୁ ଧାନ ନଷ୍ଟ ହେବା ଭୟରେ ଚାଷୀ ବାଧ୍ୟ ହୋଇ ଗତକାଲି ୧୦ଟାରୁ ସୋସାଇଟି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ରାତି ହେବାରୁ ସୋସାଇଟିର ୱାଚମ୍ୟାନ ନିଶାଶକ୍ତ ଅବସ୍ଥାରେ ଆସି ଧାରଣାରତ ଚାଷୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରି ଗୋଡ଼ ଭାଙ୍ଗି ଦେବାକୁ ଧମକ ଦେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଚାଷୀଙ୍କ ଧାନ କାଢି ବାହାରକୁ ଫୋପାଡ଼ି ଦେବାକୁ ସେକ୍ରେଟାରୀ ତାଙ୍କୁ



କ୍ଷମତା ଦେଇଛନ୍ତି ବୋଲି ଧମକ ଦେଇଥିଲେ। ଚାଷୀ ଧାରଣାରୁ ସ୍ଥଳରୁ ନ ଉଠି ରାତି ସାରା ସୋସାଇଟି ଅଫିସ ଆଗରେ ଶୀତ କାକରରେ ବସି ରହିଥିଲେ। ଆଜି ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଥିଲେ ବି କୌଣସି ସରକାରୀ ଅଧିକାରୀ ଧାରଣା ସ୍ଥଳରେ ଚାଷୀଙ୍କ ସହିତ ଆଲୋଚନା ପାଇଁ ପହଞ୍ଚି ନ ଥିବା ଚାଷୀ କହିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ଧାନ ନ ଉଠିଛି ଓ ଅଶାଳୀନ ବ୍ୟବହାର କରିଥିବା ସୋସାଇଟି ସେକ୍ରେଟାରୀ ଓ ୱାଚମ୍ୟାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଜିତ ରାଉତ, ରବୀନ୍ଦ୍ର ଦାସ, କୁଳମଣି ଦାସ, ବାସନ୍ତୀ ରାଉତ, ସୁବାସ ରାଉତ, ଉମେଶ ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଉଦ୍‌ଯାପିତ

ମାର୍ଶାଘାଇ,୧୫।୩(ସମିସ): ମାର୍ଶାଘାଇ ବ୍ଲକ ଆଖୁଆ-ଓଡ଼ଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟରେ ପଞ୍ଚସଖା ଶିକ୍ଷା ସେତୁ ସହାୟତାରେ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଧୁସ୍ମିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ପର୍ଶୁରାମ ଲେଙ୍କା, ମୁଖ୍ୟବକ୍ତା ପୁରାତନ ଛାତ୍ର ତଥା ଜଗତସିଂହପୁର ସହକାରୀ ଜିଲ୍ଲାପାଳ ଭରତ ଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି କୀର୍ତ୍ତନ ସାହୁ, ନିରଞ୍ଜନ ନାୟକ, ବାବାଜୀ ଚରଣ ଦାସ ପ୍ରମୁଖ ଯୋଗଦେଇ ଆନ୍ତଃବିଦ୍ୟାଦ୍ୟାଳୟ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ପାଇଁ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ ସଭାପତି ପ୍ରସନ୍ନ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କଣ୍ଠ ସଂଗୀତ, ବକ୍ତୃତା, ତର୍କ, କୁଇଜ୍, ଏକକ ନୃତ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ



୧୦ଟି ବିଦ୍ୟାଳୟର ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଗଗନ ସ୍ୱାଇଁ ଅତିଥି ପରିଚୟ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ କମିଟି ସହଯୋଗରେ ବିଦ୍ୟାଳୟ ଗେଟ୍ ନିର୍ମାଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମୀକାନ୍ତ ବେହେରା, ରଶ୍ମିରଞ୍ଜନ ପରିଡ଼ା, ଶ୍ରଦ୍ଧାସୁମନ ମହାପାତ୍ର, ମେନକା ପ୍ରଧାନ, କାଦମ୍ବିନୀ ସାହୁ, ମମତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାନ୍ତନୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

● ଆଗେଇପାରୁନି ମା' ରାମଚଣ୍ଡୀଙ୍କ ଉନ୍ନୟନ କାମ

# ଅବଧି ସରିଛି, ହୋଇଛି ୩୦ ପ୍ରତିଶତ

ମହାକାଳପଡ଼ା,୧୫।୩(ସମିସ): ମହାକାଳପଡ଼ାର ଅଧିଷ୍ଠାତ୍ରୀ ଦେବୀ ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠର ଉନ୍ନୟନମୂଳକ ପ୍ରକଳ୍ପ କାମର ଅବଧି ଶେଷ ହୋଇଥିଲେ ମଧ୍ୟ କେବଳ ୩୦ ପ୍ରତିଶତ କାମ ଶେଷ ହୋଇଛି। ଆଗକୁ ମା'ଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପର୍ବ ଆସୁଥିବାବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହେବ। ଏହି ଅବସରରେ ପ୍ରକଳ୍ପ କାମର ଅଧାପନ୍ତରିଆ କାମ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ୧୯୬୨ରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନ ହେବା ପରେ ୧୯୭୨ରୁ ଏହା ଦେବୋତ୍ତର ବିଭାଗ ଅଧୀନରେ ରହିଆସିଛି। ସେବେଠାରୁ ମନ୍ଦିର ପରିଚାଳନା ପାଇଁ ମା'ଙ୍କ ଜମିର ଆୟକୁ ମୁଖ୍ୟତଃ ବିନିଯୋଗ କରାଯାଉଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମା'ଙ୍କ ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ '୫-ଟି' ଯୋଜନାରେ ୬ କୋଟି ଟଙ୍କା ଘୋଷଣା କରିଥିଲେ ପୂର୍ବତନ ସରକାର। ସେଥିରୁ ପ୍ରଥମ ପର୍ଯ୍ୟାୟରେ ୩ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। କୋଠଘର, ମନ୍ଦିର ପ୍ରାଚୀର, ସେବାୟତଙ୍କ ବିଶ୍ରାମ ଗୃହ, କଲ୍ୟାଣ ମଣ୍ଡପ, ଚନ୍ଦନ ପୋଖରୀ ପୁନରୁଦ୍ଧାର, ପରିକ୍ରମା ମାର୍ଗ, ଆଲୋକୀକରଣ, ମୁଖ୍ୟ ପ୍ରବେଶ ପଥ, ଉଦ୍ୟାନ ଆଦି କାର୍ଯ୍ୟ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ୨୦୨୪ ଅକ୍ଟୋବରରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାର ଅବଧି ଧାର୍ଯ୍ୟ କରାଯାଇଥିଲା। ତେବେ ବିଭାଗୀୟ ଅବହେଳା ପାଇଁ ମା'ଙ୍କ ଉନ୍ନୟନ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇପାରୁନାହିଁ। ଆଗକୁ ମା'ଙ୍କ ପ୍ରସିଦ୍ଧ ଝାମୁଯାତ୍ରା ପର୍ବ ଆସୁଛି। ଏ ଅବସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। କିନ୍ତୁ ପ୍ରକଳ୍ପ କାର୍ଯ୍ୟର ଧୀମା ଗତି ଏବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଅନ୍ୟପକ୍ଷରେ ମନ୍ଦିରର ଟ୍ରଷ୍ଟ ବୋର୍ଡ ଗଠନ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲାନାହିଁ। ଫଳରେ ମା'ଙ୍କ ଝାମୁଯାତ୍ରା ପରିଚାଳନାରେ ସମସ୍ୟା ସୃଷ୍ଟି ହେବ। ମା'ଙ୍କ ଝାମୁଯାତ୍ରା ପୂର୍ବରୁ ପ୍ରକଳ୍ପ କାମ ଶେଷ କରାଯିବାକୁ ଶ୍ରଦ୍ଧାଳୁ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# କେସିସିଏସ୍ ପଟ୍ଟାମୁଣ୍ଡାଇ ଶାଖାର ସ୍ୱନକ୍ଷତ୍ର ଉତ୍ସବ

ପଟ୍ଟାମୁଣ୍ଡାଇ,୧୫।୩(ସମିସ): କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ପଟ୍ଟାମୁଣ୍ଡାଇ ଶାଖାର ୨୩ତମ ସ୍ୱନକ୍ଷତ୍ର ଉତ୍ସବ ସୋସାଇଟି ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ମାନସ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା କ୍ରେଡିଟ ସୋସାଇଟି ସଭାପତି ପ୍ରମୋଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀର୍ଘ ୨୩ ବର୍ଷ ହେଲା ପଟ୍ଟାମୁଣ୍ଡାଇ ଶାଖା ସରକାରୀ ନୀତି ନିୟମ ମଧ୍ୟରେ ଉତ୍ତମ ଗ୍ରାହକ ସେବା ଯୋଗାଇବା ସହିତ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅବହେଳିତ ଗରିବ ଲୋକ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିଛି। ଏହାଦ୍ୱାରା ଦାରିଦ୍ର୍ୟ ଓ ବେକାରୀ ସମସ୍ୟା ଦୂର ହୋଇ ଏକ ଆର୍ଥିକ ସ୍ୱାବଲମ୍ବୀ ସମାଜ ଗଠନ ହୋଇପାରିଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏ ଅବସରରେ



ପଟ୍ଟାମୁଣ୍ଡାଇ ଶାଖାରୁ ବାରମ୍ବାର ଋଣ ନେଇ ଠିକ ସମୟରେ ପରିଶୋଧ କରିଥିବା ଗ୍ରାହକ ଶିବ ସାହୁ ଓ ମନୋରମା ବାରିକଙ୍କୁ ସଭାପତି ଶ୍ରୀ ସାହୁ ସମ୍ବର୍ଦ୍ଧିତ କରିଥିଲେ। ସଠିକ ସମୟରେ ଋଣ ନେବା ଓ ଋଣ ପରିଶୋଧ କରିଥିବା ଶ୍ରେଷ୍ଠ ଗ୍ରାହକଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଉତ୍ତମ ଗ୍ରାହକ ଶ୍ରୀ ସାହୁ ଓ ଶ୍ରୀମତୀ ବାରିକଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ବୀମା କରାଯାଇ ଏହାର ପ୍ରିମିୟମ ପ୍ରଦାନ ପାଇଁ ସୋସାଇଟି ପକ୍ଷରୁ ଘୋଷଣା କରାଯାଇଥିଲା ଓ ରାଶି ପ୍ରଦାନ କରାଯାଇଥିଲା। ଉତ୍ସବରେ ଯୁବନେତା ମିଟୁ ମନୋଜ ନାୟକ, ସମାଜସେବୀ ଗୋପୀନାଥ ତ୍ରିପାଠୀ, କବି ଗୌରାଙ୍ଗ ମହାନ୍ତି, ସମାଜସେବୀ ପ୍ରମୋଦ ସାହୁ, କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସମ୍ପାଦକ ଅରବିନ୍ଦ ସାହୁ, ଅତିରିକ୍ତ ସମ୍ପାଦକ ମନୋଜ ସାହୁ, ଅତିରିକ୍ତ ସାଧାରଣ ପରିଚାଳକ ରମେଶ ସେଠୀ, ରାହାମା ଶାଖା ପରିଚାଳକ ଭବାନୀ ପରିଡା, ହିସାବରକ୍ଷକ ବାବାଜୀ ପ୍ରସନ୍ନ କୁମାର ଦାସ, ସ୍ୱାଧୀନ ପରିଡା, ଉମାରାଣୀ ବେହୁରା, ମନୋଜ ପୃଷ୍ଟି, ସୁଧାଂଶୁ ଆଚାର୍ଯ୍ୟ, ନିମାଇଁ ବିଶ୍ୱାଳ, ସୁନୀତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର, ୩ ଲକ୍ଷ ଟଙ୍କା ଲୁଟ୍

ରାଜନଗର,୧୫।୩(ସମିସ): ରାଜନଗର ଥାନା ଅଞ୍ଚଳରେ ଘରେ କେହି ନ ଥିବା ସୁଯୋଗ ନେଇ କବାଟ ତାଡ଼ି ଗଡରେଜ ଭାଙ୍ଗି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାରୂପା ଅଳଙ୍କାର ସହିତ ନଗଦ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଘଡିଆମାଳ ପଞ୍ଚାୟତର ପଞ୍ଚୁପଲ୍ଲୀ ଗାଁରେ ଗତକାଲି ଚୋର କଳାକନା ବୁଲାଇଛନ୍ତି। ନୀଳମଣି ବାରିକ ଚିଙ୍ଗୁଡି ଘେରିରେ ଥିବାବେଳେ ପୁଅ ବନ୍ଧୁ ଘରକୁ ଯାଇଥିଲେ। ପତ୍ନୀ ସସ୍ମିତା ବାରିକ ଗାଁ ଛକରେ ଥିବା ଗ୍ରୋସରୀ ଦୋକାନରେ ଥିଲେ। ସନ୍ଧ୍ୟା ପ୍ରାୟ ୬ଟା ବେଳେ ସସ୍ମିତା ଗ୍ରୋସରି ଦୋକାନକୁ ଆସିଥିଲେ। ରାତି ୮ଟା ୧୦ରେ ଘରେ ପହଞ୍ଚିବା ବେଳକୁ ଘର କବାଟ ତଡ଼ା ହୋଇଥିବା ଦେଖିଥିଲେ। ଦୁଇଟି ଗଡରେଜ, ବାକ୍ସ ତାଡି ନଗଦ ୩ ଲକ୍ଷ ଟଙ୍କା ସହିତ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୂପା ଅଳଙ୍କାର, ସୁନା ବିସ୍କୁଟ ଲୁଟ୍ ହୋଇଥିବା ଦେଖିଥିଲେ। ଏ ନେଇ ସସ୍ମିତା ଥାନାରେ ଏତଲା ଦେଇଥିଲେ। ସେହି ଗାଁର ଜଣେ ଯୁବକଙ୍କ ସହିତ ଜୁନଗଡିର ଜଣେ ଯୁବକ, ଅଜଗରପାଟିଆ ଗାଁର ଜଣେ ଯୁବକ ଓ ବଳଭଦ୍ରପୁର ଗାଁର ଦୁଇଜଣ ଯୁବକ ଏହି ଚୋରି କରିଥିବା ଏତଲାରେ ଦର୍ଶାଇଛନ୍ତି। ପୁଲିସ ପହଞ୍ଚି ତଦନ୍ତ କରିଥିଲା। ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରାଯିବ ବୋଲି ଜଣାପଡିଛି। ରିପୋର୍ଟ ଲେଖାହେବା ଯାଏଁ ସନ୍ଧାନୀ କୁକୁର ପହଞ୍ଚିନାହିଁ। ପୁଲିସ ଏହି ଘଟଣାରେ ଅଭିଯୋଗରେ ନାଁ ଥିବା ବଳଭଦ୍ରପୁର ଗାଁର ଜଣେ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବା ଜଣାପଡିଛି।

# ବୈତରଣୀ ମହୋତ୍ସବର ସ୍ରୋତସ୍ୱିନୀ ଉନ୍ମୋଚିତ



ରାଜକନିକା,୧୫।୩(ସମିସ): କନିକା-ଚାନ୍ଦବାଲି ବୈତରଣୀ ମହୋତ୍ସବ ମୁଖପତ୍ର ସ୍ରୋତସ୍ୱିନୀ ଆଜି ଉନ୍ମୋଚିତ ହୋଇଛି। ରାଜକନିକାର ଏସ୍‌ଏନ୍ କଲେଜ ସଭାଗୃହରେ ଅନୁଷ୍ଠିତ ସମାରୋହରେ ଉଭୟ କନିକା ଓ ଚାନ୍ଦବାଲି ଅଞ୍ଚଳର ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ମୁଖପତ୍ରକୁ ଉନ୍ମୋଚନ କରାଯାଇଛି। ବୈତରଣୀ ନଦୀର ପୁନରୁଦ୍ଧାର ପାଇଁ ଜନଚେତନା ବୃଦ୍ଧି, ଏହାର ସୁରକ୍ଷାକୁ ପ୍ରାଥମିକତା ଦେଉଥିବା ଏହି ଅଭିଯାନର ଆଗାମୀ ମହୋତ୍ସବ ପାଇଁ ପ୍ରସ୍ତୁତି ଜୋର ଧରିଛି।

# ଭିତରକନିକାରେ ମାଫିଆଙ୍କ ଗତିବିଧି ଜଗିବ ଡ୍ରୋନ୍

ରାଜନଗର, ୧୫।୩(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟାରେ ମାଫିଆଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ। କୂଳରୁ ୨୫ କିମି ସମୁଦ୍ର ଭିତରକୁ ଯିବ ଓ ୧୦ କିମି ଚଉଡାର ଭିଡିଓ ଉତ୍ତୋଳନ କରିବ। ଡ୍ରୋନ ଯେଉଁ ସ୍ଥାନରୁ ଯାଇଥିବ, ଆପେଆପେ ସେହି ସ୍ଥାନକୁ ଫେରିଆସିବ। ଏଥିପାଇଁ ୫ ଦିନିଆ ତାଲିମ ଶିବିର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଛି। କୋଲକାତାସ୍ଥ ଡ୍ରୋନ ପାଠଶାଳାର ଟ୍ରେନର ସମ୍ବିତ ସ୍ୱୟଂପ୍ରକାଶ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ପ୍ରଥମ ଦିନରେ କାର୍ଯ୍ୟାଳୟରେ ଟ୍ରେନିଂ ଦିଆଯାଇଥିବାବେଳେ ଆଜି ପେଣ୍ଠ ବେଳାଭୂମିରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫରେଷ୍ଟର ତ୍ରିଦୀପ ପ୍ରଧାନ, ସୁନୀଲ ରାଉତରାୟ, ସତ୍ୟଜିତ ପାଣି, ସତୀଶ ଲାକ୍ରା, ନିରଞ୍ଜନ ମଣ୍ଡଳ, ଦେବାଶିଷ ରଥ ପ୍ରମୁଖ ବନ କର୍ମଚାରୀ ସାମିଲ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ତିନୋଟି ଡ୍ରୋନ ଯୋଗାଇ ଦିଆଯାଇଛି। ଏହି ଡ୍ରୋନ କ୍ୟାମେରା ମାଧ୍ୟମରେ ଭିତରକନିକା ଜାତୀୟ ଉଦ୍ୟାନ ଜଙ୍ଗଲରେ କାଠମାଫିଆ, ବନ୍ୟଜନ୍ତୁ ଶିକାରୀ, ନିଷିଦ୍ଧାଞ୍ଚଳର ନଦୀନାଳରେ ମାଛ ଧରୁଥିବା ଅନୁପ୍ରବେଶକାରୀ, ଜାତୀୟ ଉଦ୍ୟାନର କ୍ଷତି କରୁଥିବା ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖିବ। ବିଶେଷକରି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ଓ ବେଆଇନ କାର୍ଯ୍ୟକଳାପ ଉପରେ ଏହା ନଜର ରଖିବ। ଖୁବଶୀଘ୍ର ଡ୍ରୋନ ମାଧ୍ୟମରେ ମାଫିଆଙ୍କ ଗତିବିଧି ଉପରେ ନଜର ରଖାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

● ଡେରାବିଶ ବ୍ଲକ୍ ପ୍ରଶାସନର ଅଜବ ନୀତି

# ଜଣେ ହିତାଧିକାରୀ ୧୪ ମାସରେ ପାଇଛନ୍ତି ୨୮ ଥର ଭତ୍ତା ଟଙ୍କା

ପଞ୍ଚୁପାଣ୍ଡବ,୧୫।୩(ସମିସ): ଡେରାବିଶ ବ୍ଲକ୍‌ରେ ଏମିତି ଚାଲିଛି ଭତ୍ତା ବଣ୍ଟନ। ବର୍ଷ ବର୍ଷ ଧରି ଭତ୍ତା ପାଇବା ପାଇଁ ହିତାଧିକାରୀ ଆବେଦନ କରିଥିଲେ ସୁଦ୍ଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବୃଦ୍ଧି କରିବା ପାଇଁ କଥା ଦେଇ ବିଫଳ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ କେତେକ ହିତାଧିକାରୀ ଭତ୍ତା ଟଙ୍କା ପାଇବାରେ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ପୂର୍ବ ସରକାର ସମୟରେ ମାସ ପୂରିବା ପୂର୍ବରୁ ଭତ୍ତା ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିଲା। ଏବେ ନୂଆ ସରକାର ଆସିବା ପରେ ହିତାଧିକାରୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛଥିବା ଅଭିଯୋଗ ହେଉଛି। କେତେକ ହିତାଧିକାରୀ ମାସକୁ ଦୁଇଥର ଭତ୍ତା ଟଙ୍କା ପାଉଥିବା ନଜରକୁ ଆସିଛି। ଏମିତିକି ମାସେ କି ଦୁଇ ମାସ ନୁହେଁ ପ୍ରାୟ ୧୪ ମାସ ଧରି ଜଣେ ହିତାଧିକାରୀ ମାସକୁ ଦୁଇଥର ପାଉଥିବା ନଜରକୁ ଆସିଛି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ସାବିତ୍ରୀ ଦାଶଙ୍କ କ୍ଷେତ୍ରରେ ଏମିତି ଘଟଣା ଦେଖିବାକୁ ମିଳୁଛି। ଦାଶରଥି ଦାଶଙ୍କ ସ୍ତ୍ରୀ ସାବିତ୍ରୀ ଦାଶ ଭତ୍ତା ଟଙ୍କା ପାଉଥିବାବେଳେ ପ୍ରାୟ ୧୪ ମାସ ହେଲା ତାଙ୍କର ପଞ୍ଚାୟତ ଅଫିସ୍ ପକ୍ଷରୁ ପିଇଓ ଦେଉଥିବା, ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡେବିଟି ମାଧ୍ୟମରେ ୧୪ ମାସ ଧରି ଭତ୍ତା ଟଙ୍କା ଆସୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆଗରୁ ତାଙ୍କୁ ପଞ୍ଚାୟତରେ ଦିଆଯାଇଥିଲା। ପରେ ଡେବିଟି ମାଧ୍ୟମରେ ଭୁଲରେ ଯାଇଥିବା କହିଛନ୍ତି। ଆଧାର କାର୍ଡ ଯାଞ୍ଚ କରିବାରୁ ସେ ମାସକୁ ଦୁଇଥର ଟଙ୍କା ପାଉଥିବା ଜଣାପଡ଼ିଥିଲା। ବଳକା ଟଙ୍କା ଫେରାଇବା ପାଇଁ ହିତାଧିକାରୀଙ୍କୁ କୁହାଯାଇଛି। ହିତାଧିକାରୀ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

# ଆମ ଗାଁ ଉତ୍ସବ ଉଦ୍‌ଘାଟିତ

ଡେରାବିଶ, ୧୫।୩(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗରସ୍ଥ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ବାର୍ଷିକ 'ଆମ ଗାଁ ଉତ୍ସବ' ଉଦ୍‌ଘାଟିତ ହୋଇଛି। କମିଟି ସଭାପତି ସୁନୀଲ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଡକ୍ଟର ଭକ୍ତକବି ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ଗୁରୁଚରଣ ସେଠୀ ଏହି ଉତ୍ସବ ଆୟୋଜନରେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦୀପକ ଓଝା, ପଲେଇ ସରପଞ୍ଚ ଅକ୍ଷୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୟ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ରାଜକିଶୋର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ। କମିଟିର କର୍ମକର୍ତ୍ତା ଦୀପକ ସ୍ୱାଇଁ, ଧ୍ରୁବଚରଣ ନାୟକ ଓ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମା' କ୍ଷେତ୍ରପାଳିନୀ ସାଂସ୍କୃତିକ କଳା ପରିଷଦ ପକ୍ଷରୁ 'କିଏ କାନ୍ଦିନାହିଁ ହାତଟେକ' ଡ୍ରାମା ପରିବେଷଣ କରାଯାଇଥିଲା।

# ରକ୍ତଦାନ କରି ଜୀବନ ବଞ୍ଚାଇଲେ ମିତ୍ରଭାନୁ

ମହାକାଳପଡ଼ା,୧୫।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅମେଇପାଳ ପଞ୍ଚାୟତ ଅନ୍ତର୍ଗତ ସମଜୋରି ଗ୍ରାମର ନାରାୟଣ ମହାପାତ୍ରଙ୍କ ପୁଅ ମିତ୍ରଭାନୁ ମହାପାତ୍ର ରକ୍ତଦାନ କରି ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ଭଦ୍ରକର ଜଣେ ରୋଗୀ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କୁ ଏକ ଜରୁରିକାଳୀନ ରକ୍ତ ଆବଶ୍ୟକ ହେବା ଖବର ପାଇ ତୁରନ୍ତ ମିତ୍ରଭାନୁ ରେଡକ୍ରସ ରକ୍ତଭଣ୍ଡାରରେ ପହଞ୍ଚି ରକ୍ତଦାନ କରିଥିଲେ। ଏହାକୁ ମିଶାଇ ସେ ୧୫ ଥର ରକ୍ତଦାନ କରିଛନ୍ତି।

# ବଳଦେବଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା

କେନ୍ଦ୍ରାପଡ଼ା,୧୫।୩(ସମିସ)





ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ରବିବାର କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମଥର ପାଇଁ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ଓ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଶାଳ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମୂର୍ତ୍ତିକୁ ପ୍ରତିଷ୍ଠା କରାଯାଇ ଇଚ୍ଛାପୁରସ୍ଥ ଶ୍ରୀଜୀଉଙ୍କ ରଥଦାଣ୍ଡରେ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନରେ ଲୀନ ହୋଇ ପରିବେଶକୁ ଭକ୍ତିମୟ କରିଥିଲେ। ପରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ରଥ ମାଉସୀମା ମନ୍ଦିର, ଛଗରିଆ ଓ କଳପଡା ଦେଇ ବଗଡା ଅଭିମୁଖେ ବାହାରିଥିଲା। ଏହି ଯାତ୍ରାରେ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁସନ୍ଥ, ଭକ୍ତ, ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନ ମଣ୍ଡଳୀ ପ୍ରାୟ ୩୦ରୁ ଅଧିକ ଯାନବାହାନରେ ଯୋଗଦେଇ ନାମସଂକୀର୍ତ୍ତନ କରି ଯାତ୍ରାକୁ ଅଗ୍ରସର କରିଥିଲେ।

ଏହି ଜ୍ୟୋତିଯାତ୍ରା ଗୁପ୍ତକ୍ଷେତ୍ର ସଖିବଟ, ମାହାରାକୂଳ, କଦମ୍ବମୂଳ, ଜଗନ୍ନାଥପୁର, ପାରାଚକ ଦେଇ ମେହିନ୍ଦିପୁର ଓ ଭରତପୁର ପହଞ୍ଚିଥିଲା। ପରେ ଶ୍ୟାମସୁନ୍ଦରପୁର, ଦୁହୁରିଆ, କଲେଜ ଛକ ଓ ଠାକୁରହାଟସ୍ଥ ଶ୍ରୀଶ୍ରୀ ଲଛମନଜୀଉ ମନ୍ଦିରରେ ରଥ ପହଞ୍ଚିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଯାତ୍ରା ନିକିରାଇ ବଙ୍ଗାଳିସାହି ଛକ, ଇନ୍ଦୁପୁର ଶ୍ରୀବଳଦେବଜୀଉ ମନ୍ଦିର, ଧୂମାତ ଭକ୍ତବିଳାସ ମଠ, ଚାରିଗାଁ, ଜରିଆବାଡ ଓ ଚଉଦକୁଲାଟ ତମାଳଶାସନସ୍ଥ ଶ୍ରୀଦଧିବାମନଜୀଉ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରୁ ଗୋଗୁଆ ଛକ, ବାରୋ, କପାଳେଶ୍ୱର, ଗୁଲନଗର, ତିନିମୁହାଣି ଛକ, ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ଓ ସାନ୍ତସାହି ଦେଇ ରାତି ପ୍ରାୟ ସାଢେ ୯ଟା ସମୟରେ ପୁନର୍ବାର ଇଚ୍ଛାପୁରସ୍ଥ ଶ୍ରୀଜୀଉଙ୍କ ରଥଦାଣ୍ଡରେ ପହଞ୍ଚିଥିଲା। ଏହି ଜ୍ୟୋତିଯାତ୍ରା ମାର୍ଗରେ ପଡୁଥିବା ପ୍ରତ୍ୟେକ ଗ୍ରାମରେ ଭକ୍ତଙ୍କ ଦ୍ୱାରା ରଥକୁ ଭବ୍ୟ ସ୍ୱାଗତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ପ୍ରଫେସର ନନ୍ଦକିଶୋର ପରିଡା, ଡ. କାଳୀପ୍ରସନ୍ନ ଶତପଥୀ, ଡ. ବାସୁଦେବ ଦାସ, ଅଭିମନ୍ୟୁ ଗୋଛାୟତ, ସରୋଜ ସାହୁ, ସାମ୍ବାଦିକ ସଚ୍ଚିକାନ୍ତ ନାଥ, ଶଶାଙ୍କଶେଖର ଜେନା, ନିରଞ୍ଜନ ମେକାପ, ଗାୟତ୍ରୀ ମହାନ୍ତି, ଦ୍ରୌପଦୀ ରାଉତ, ନୃସିଂହ ତ୍ରିପାଠୀ, ବଳଦେବ ସେନାର ପପୁନ ସ୍ୱାଇଁ, ଉମେଶ ଦାସ, ରବୀନ୍ଦ୍ର ସାହୁ, ରମେଶ ସାହୁ, ଜ୍ଞାନରଞ୍ଜନ ପ୍ରଧାନ, ଶ୍ରୀଧର ମହାନ୍ତି ଓ ବ୍ରହ୍ମଚାରୀ ନୃସିଂହନାଥଙ୍କ ସମେତ ଶତାଧିକ ସାଧୁସନ୍ଥ, ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଜ୍ୟୋତିଯାତ୍ରା ତୁଳସୀକ୍ଷେତ୍ରର ଆଧ୍ୟାତ୍ମିକ ପରମ୍ପରାକୁ ଆହୁରି ସୁଦୃଢ କରିଥିବା ସହ ଜିଲ୍ଲାର ଭକ୍ତଙ୍କ ମଧ୍ୟରେ ଭକ୍ତିଭାବକୁ ଅଧିକ ସୁଦୃଢ କରିଥିବା ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି।

### ନିଷ୍କ୍ରିୟ ପ୍ରଶାସନ, ବେଫିକର ରାଜନେତା

# ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

ଜଗତସିଂହପୁର,୧୫।୩(ସମିସ)

ଜଗତସିଂହପୁର ଜିଲ୍ଲା ଏକ ଶିକ୍ଷିତ ଏବଂ ସଚେତନ ଜିଲ୍ଲା ଭାବରେ ସମଗ୍ର ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଆସିଛି। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ରାଜନୀତି, କଳା, ସାହିତ୍ୟ, ସଂସ୍କୃତି ଏବଂ ବିଜ୍ଞାନ କ୍ଷେତ୍ରକୁ ଜଗତସିଂହପୁର ଜିଲ୍ଲାର ବଡ଼ ଅବଦାନ ରହିଛି। ତେବେ ସାମ୍ପ୍ରତିକ ସମୟରେ ପ୍ରଶାସନିକ ନିଷ୍କ୍ରିୟତା ଏବଂ ଜନ ପ୍ରତିନିଧିମାନଙ୍କ ଇଚ୍ଛାଶକ୍ତିର ଅଭାବ ତଥା ପରସ୍ପର ମଧ୍ୟରେ ବିବାଦ କାରଣରୁ ଜିଲ୍ଲାର ବିକାଶ ପ୍ରକ୍ରୀୟାରେ ବ୍ରେକ୍ ଲାଗିଲା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ଜିଲ୍ଲାର ୪ଜଣ ବିଧାୟକଙ୍କ ମଧ୍ୟରୁ ୨ ଜଣ ଶାସକ ବିଜେପିର ହୋଇଥିବା ବେଳେ ୨ ଜଣ ବିରୋଧୀ ବିଜେଡିର। ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜଗତସିଂହପୁର ଲୋକସଭା ଆସନରେ ଶାସକ ବିଜେପିର ବିଭୂପ୍ରସାଦ ତରାଇ ସାଂସଦ ଅଛନ୍ତି। ବିଭିନ୍ନ ସମୟରେ ସଭାସମିତି ଏବଂ ସମୀକ୍ଷା ବୈଠକ ମଧ୍ୟ ପ୍ରଶାସନ ତରଫରୁ କରାଯାଉଛି। ପ୍ରାୟ ସମସ୍ତ ବୈଠକରେ ରାଜନିତୀରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବାକୁ ଦଳମତ ନିର୍ବିଶେଷରେ ଆହ୍ୱାନ ଦିଆଯାଉଛି। ହେଲେ ଜିଲ୍ଲାର ଜନ ପ୍ରତିନିଧି ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ କାରଣରୁ ବିକାଶ ପ୍ରକ୍ରୀୟା ଏକପ୍ରକାର ଶୀଥିଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ ଓ ରାସ୍ତାର ଦୂରାବସ୍ଥା ଏବଂ ଜିଲ୍ଲା ସଦରମହକୁମା ଅଞ୍ଚଳରେ ବିପର୍ଯ୍ୟସ୍ତ ରାସ୍ତାଘାଟକୁ ଦେଖିଲେ କିପରି ବିକାଶ ଚାଲିଛି ତାହା ସହଜେ ଅନୁମେୟ। ଜଳ ନିଷ୍କାସନ ବ୍ୟବସ୍ଥା ସଂପୂର୍ଣ୍ଣ ଫେଲ୍ ମାରିଥିବାରୁ ଅସରାଏ ବର୍ଷାରେ ଜଗତସିଂହପୁର ସହରର ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟୁଛି। ବିଦ୍ୟାଳୟରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ଅନ୍ୟ ଚିକିତ୍ସାଳୟ ମାନଙ୍କରେ ଡାକ୍ତର ମରୁଡ଼ି ପରିସ୍ଥିତି ଲାଗିରହିଛି। ଫଳରେ ଶିକ୍ଷାଦାନ ଏବଂ ରୋଗୀସେବା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସେହିପରି ଜଗତସିଂହପୁର ସଦର ଥାନା ସମେତ ଅନ୍ୟ ଥାନା ମାନଙ୍କରେ ପୁଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା ମଧ୍ୟ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଅବକାରୀ ବିଭାଗ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ ସମାନ ପରିସ୍ଥିତି। ଫଳରେ ବିଭାଗୀୟ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ପରିଲକ୍ଷିତ ହେଉଛି। ଶାସକ ଦଳର ନେତାଙ୍କ ମଧ୍ୟରେ ଫାଟ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ତାଳମେଳ ଅଭାବ ଯୋଗୁ ଜଳସେଚନ, ଜଳ ନିଷ୍କାସନ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଖାସ୍ ଏହି କାରଣରୁ ଏବେ ଜିଲ୍ଲାରେ ଥିବା ଧାନମଣ୍ଡି ମାନଙ୍କରେ ଚାଷୀମାନେ ମିଲରଙ୍କ ଦ୍ୱାରା ଶୋଷଣର ଶୀକାର ହେଉଛନ୍ତି। ଏପରିକି ଖୋଦ ଶାସକ ଦଳର ବିଧାୟକଙ୍କ ଚିଠି ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କର୍ମଚାରୀ ବଦଳି ସଂପର୍କୀତ ନିର୍ଦ୍ଦେଶନାମାକୁ ମଧ୍ୟ ଜିଲ୍ଲା ପ୍ରଶାସନ ଅଣଦେଖା କରୁଥିବା ଉଦାହରଣ ରହିଛି। ତେଣୁ ଖାଲି କଥାରେ ନୁହେଁ ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ମାନେ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ ଦିଗରେ କାମ କରିବାକୁ ସାଧାରଣରେ ଦାବି କରାଯାଇଛି।

### ■ ଚାଷୀ ନେତାଙ୍କୁ ଦୁର୍ବ୍ୟବହାର ଘଟଣା

## ଭୁଲ୍ ସ୍ୱୀକାର କଲେ ଅଭିଯୁକ୍ତ ମିଲର୍

**ଜଗତସିଂହପୁର,୧୫।୩(ସମିସ):** ଧାନମଣ୍ଡିରେ ଗରିବ ଚାଷୀଙ୍କୁ ମିଲରଙ୍କ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ ଏବଂ କୃଷକ କଲ୍ୟାଣ ପାଇଁ ଲଢ଼େଇ କରୁଥିବା ନବନିର୍ମାଣ କୃଷକ ସଂଗଠନର ଚାଷୀ ନେତା ଦେବୀପ୍ରସାଦ ମହାରଣାଙ୍କୁ ଲକ୍ଷ୍ମୀ ଆଗ୍ରୋ ମିଲ୍, ବର୍ତ୍ତି ମାଲିକ ହରେକୃଷ୍ଣ ସ୍ୱାଇଁଙ୍କ ସାନଭାଇ ରାମଚନ୍ଦ୍ର ସ୍ୱାଇଁ ଏବଂ ତାଙ୍କ ପୁଅ ଗତ ୧ ତାରିଖରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ମଣ୍ଡିରେ ରେଢ଼ୁଆ ପଞ୍ଚାୟତର ଦୁଇ ଜଣ ଚାଷୀ ଯୁଧିଷ୍ଠିର ସାହୁ ଏବଂ ନିରୋଦ ଜେନାଙ୍କୁ ମଧ୍ୟ ଶାରୀରିକ, ମାନସିକ, ଆର୍ଥିକ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ନେଇ ଶ୍ରୀ ମହାରଣା ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ଥାନା ଅଧିକାରୀଙ୍କୁ ତିନିଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ହରେକୃଷ୍ଣ ସ୍ୱାଇଁକୁ ଥାନାକୁ ଡକାଇ ପଚରାଉଚରା କରିଥିଲେ। ପରେ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ବେହେରା ଏବଂ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ଉପସ୍ଥିତିରେ ଅଭିଯୁକ୍ତ ହରେକୃଷ୍ଣ ସ୍ୱାଇଁ ଚାଷୀମାନଙ୍କ ପାଖରେ ନିଜର ଭୁଲ୍ ସ୍ୱୀକାର କରିଥିଲେ। ଭବିଷ୍ୟତରେ କୌଣସି ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବ ନାହିଁ ବୋଲି ମଧ୍ୟ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଶ୍ରୀ ମହାରଣା ଅତ୍ୟନ୍ତ କ୍ଷୋଭର ସହ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ଜଗତସିଂହପୁର ଜିଲ୍ଲାରେ ପ୍ରଶାସନର ପରୋକ୍ଷ ସହଯୋଗରେ ଦିନକୁ ଦିନ ଗରିବ ଚାଷୀ ମାନଙ୍କ ଉପରେ ମିଲର ଅତ୍ୟାଚାର ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ମିଲର୍ ନିର୍ଦ୍ଦେଶରେ ମଣ୍ଡି କର୍ମଚାରୀ ମାନେ ଚାଷୀ ମାନଙ୍କୁ ଭୟଭୀତ କରାଇ କ୍ୱିଣ୍ଟାଲ ପିଛା ୫/୧୦ କେଜି ଧାନ ଅବୈଧ ଭାବେ ଠକି ନେଉଛନ୍ତି। ଅଖା କିମ୍ବା ଅଖା ପଇସା ଚାଷୀମାନଙ୍କୁ ଦେଉନାହାନ୍ତି। ତେଣୁ ଦଳମତ ନିର୍ବିଶେଷରେ ସମସ୍ତ ଚାଷୀ ବନ୍ଧୁମାନେ ଚାଷୀକୁଳର ସ୍ୱାର୍ଥ ପାଇଁ ୧୬ ତାରିଖ ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ ଏବଂ ଶୋଭାଯାତ୍ରାରେ ସାମିଲ ହେବାକୁ ନିବେଦନ କରିଛନ୍ତି।

## ଓକିଲ ସଂଘ ନିର୍ବାଚନ; ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

**ଜଗତସିଂହପୁର,୧୫।୩(ସମିସ):** ରାଜ୍ୟ ଆଇନଜୀବୀ ପରିଷଦଙ୍କ ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ସମେତ ସାରା ରାଜ୍ୟରେ ଥିବା ସମସ୍ତ ବାର୍ ଆସୋସିଏସନ୍ ନିର୍ବାଚନ ଅନୁଷ୍ଠିତ ହେବ। ୨୦୨୬-୨୭ ବର୍ଷ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ନିର୍ବାଚନ ପାଇଁ ଜିଲ୍ଲା ଓକିଲ ସଂଘର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସଭାପତି ପଦ ପାଇଁ ସୁବ୍ରତ ଶତପଥୀ, ରବୀନ୍ଦ୍ର କୁମାର ସ୍ୱାଇଁ ଓ ସଲିଲ୍ କୁମାର ଘୋଷଙ୍କ ନାମାଙ୍କନ ପତ୍ର କାଏମ ରହିଥିବା ବେଳେ ଉପସଭାପତି ପଦ ପାଇଁ ସୂର୍ଯ୍ୟ ନାରାୟଣ ଦାଶ ଓ ଉମାଶଙ୍କର ସ୍ୱାଇଁଙ୍କ ନାମାଙ୍କନପତ୍ର କାଏମ ରହିଛି। ସଂପାଦକ ପଦବୀ ପାଇଁ ସରୋଜ କୁମାର ବିଶ୍ୱାଳ ଓ ଶାରଦା ପ୍ରସାଦ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଥିବା ବେଳେ ଯୁଗ୍ମ ସମ୍ପାଦକ ପାଇଁ ଦୁର୍ଯ୍ୟୋଧନ ରାଉତ ଓ ପ୍ରଭାତ ରଞ୍ଜନ ପଲାଉରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। କୋଷାଧକ୍ଷ ପଦ ପାଇଁ ସୌରଭ କୁମାର ମଲ୍ଲିକ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ପରେ ଗୋପବନ୍ଧୁ ଚୌଧୁରୀ ଓ ପ୍ରକାଶ ଚନ୍ଦ୍ର ରାୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରୋଜାଲିନ୍ ସାହୁ, ରାଜଶ୍ରୀ ମହାନ୍ତି, କସ୍ତୁରୀ ପ୍ରିୟଦର୍ଶିନୀ ମଲ୍ଲ, ରୋଜାଲିନ୍ ଲେଙ୍କା, ଆଦିତ୍ୟ ବେହେରାଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ବିଭୁପ୍ରସାଦ ନନ୍ଦ, ରାଜେଶ୍ ମହାନ୍ତି, ଅଜିତ୍ ନାରାୟଣ ରାଉତରାୟ ଓ ତେଜସ୍ୱିନୀ ପଣ୍ଡାଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇଯାଇଛି। ମାର୍ଚ୍ଚ ୨୮ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ସମୟ ରହିଛି। ଅପରାହ୍ନ ୪ଟାରୁ ଭୋଟ ଗଣତି ଆରମ୍ଭ ହୋଇ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ।

## ଏଚ୍‌ପିଭି ଟିକାକରଣ ଟାସ୍କଫୋର୍ସ କମିଟି ବୈଠକ



**ଜଗତସିଂହପୁର,୧୫।୩(ସମିସ):** ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଏଚ୍‌ପିଭି ଟିକାକରଣ ଅଭିଯାନ ସମ୍ବନ୍ଧୀୟ ଜିଲ୍ଲା ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏମଓ ଏବଂ ପିଏଚଓ ଡା. ରାଜେନ୍ଦ୍ର କୁମାର ପଣିଗ୍ରାହୀ, ଏଡିପିଏଚଓ (ଏଫଡବ୍ଲ୍ୟୁ) ଡା. ପ୍ରମୋଦ କୁମାର ବାରିକ, ଏଡିପିଏଚଓ (ଡିସି) ଡା. ବସନ୍ତୀ ପାଲ, ଡିପିଏମ ସୋନାଲି ପ୍ରିୟଦର୍ଶିନୀ, ଡିଏମଆରସିଏଚ୍ ସନ୍ଧ୍ୟାରାଣୀ ପାଣ୍ଡା, ଡିଏସଡବ୍ଲ୍ୟୁଓ ବିଷ୍ଣୁପ୍ରିୟା ସେଠୀ, ଡିଡବ୍ଲ୍ୟୁଓ ପିଏମ୍ ପ୍ରଧାନ, ଏଡିଇଓ ଲକ୍ଷ୍ୟହୀରା ଲାବଣ୍ୟବତୀ ଦେବୀ, ଏପିଏମ ମନୋରଞ୍ଜନ ମହାପାତ୍ର, ଏସିଏସଓ ନରସିଂହ ବେହେରା, ଡିସିପିଓ କାହ୍ନୁ ଚରଣ ରାଉତ, ଡିଆଇପିଆରଓ ପ୍ରତିଚୀ ତନୟା ମହାନ୍ତି, ସେଣ୍ଟ ଜେଭିଅର୍ସ ହାଇସ୍କୁଲର ଉପ-ପ୍ରଧାନଶିକ୍ଷକ, ଡିଏଲଏମ୍ ପାର୍ଥସାରଥୀ କରଶର୍ମା, ଆଇସିଏ ରାଜେଶ କୁମାର ପଟି, ସିସିଟି ଇତ୍ୟାଦି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଜନସାଧାରଣଙ୍କ ମଧ୍ୟରେ ଏଚପିଭି ଟିକାକରଣ ଅଭିଯାନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ମାଇକିଂ, ଘରେ ଘରେ ସଚେତନତା ଅଭିଯାନ ଏବଂ ସମସ୍ତ ମାଧ୍ୟମ ଦ୍ୱାରା ପ୍ରଚାର କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ସିଡିଏମଓ ଏବଂ ପିଏଚଓ ଡା. ରାଜେନ୍ଦ୍ର କୁମାର ପଣିଗ୍ରାହୀ ଏହି ଟିକାକରଣ ଅଭିଯାନର ସଫଳତା ପାଇଁ ବିଭିନ୍ନ ବିଭାଗର ମଲ୍ଟି-ଷ୍ଟେକହୋଲ୍ଡର ଦାୟିତ୍ୱ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଗତ ମାର୍ଚ୍ଚ ୧ ଠାରୁ ଜିଲ୍ଲାର ସମସ୍ତ ସିଏଚସି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ସକାଳ ୯ଟା ଠାରୁ ଦିନ ୨ଟା ପର୍ଯ୍ୟନ୍ତ (ଛୁଟି ଦିନ ବାଦ ଦେଇ) ଚାଲିଛି। ଏହି ଅଭିଯାନରେ ଗାର୍ଡାସିଲ-୪ ଟିକା ବ୍ୟବହାର କରାଯାଉଛି ଯାହା ଏଚପିଭିର ୬,୧୧,୧୬ ଏବଂ ୧୮ ପ୍ରଜାତିର ଭାଇରସରୁ ସୁରକ୍ଷା ପ୍ରଦାନ କରିଥିଲେ। ଜିଲ୍ଲାରେ ମୋଟ ୭୪୯୭ ଜଣ ଲକ୍ଷ୍ୟଭୁକ୍ତ କିଶୋରୀଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୧୧୧୫ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି ବୋଲି ଡା. ବାରିକ ସୂଚନା ଦେଇଥିଲେ। ଡିପିଏମ ସୋନାଲି ପ୍ରିୟଦର୍ଶିନୀ କହିଥିଲେ ଯେ ଏପର୍ଯ୍ୟନ୍ତ ଜିଲ୍ଲାରେ ୭୨ଟି ଇମ୍ୟୁନାଇଜେସନ୍ ସେସନ୍ ସଫଳତାର ସହିତ ଆୟୋଜିତ ହୋଇସାରିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ଆନ୍ତର୍ବିଭାଗୀୟ ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ପାଣ୍ଡା (ଡେପୁଟି ମ୍ୟାନେଜର) ସଭାରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଅଂଶଗ୍ରହୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ ବିଫଳ

**ବାଲିକୁଦା,୧୫।୩(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ବାଲିକୁଦା ବଜାର ମେଡିକାଲ ରୋଡ୍ ଠାରେ ଥିବା ମାତୃକୃପା ଅଳଙ୍କାର ଦୋକାନରୁ ଗତକାଲି ରାତିରେ କିଛି ଦୁର୍ବୃତ୍ତ ସଟର କାଟି ଲୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ ସୁଦ୍ଧା ବିଫଳ ହୋଇଛନ୍ତି। ଥାନା ପରିସରଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏହି ଅଳଙ୍କାର ଦୋକାନରେ ଲୁଟ୍ ପାଇଁ ୨ ଘଣ୍ଟା ଧରି ଦୁର୍ବୃତ୍ତ ପ୍ରୟାସ କରିଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି। ବଜାର ବୁଲି ସାରି ମେଡିକାଲ ରୋଡ୍ ନିକଟରେ ବଜାର ସ୍ଥିତି ଦେଖିବା ପାଇଁ ଆସିଥିବା ବାହାଦୂର ଟର୍ଚ୍ଚ ଆଲୋକରେ ସଟର କାଟୁଥିବା ଦୃଶ୍ୟ ଦେଖି ଲୁଟେରାକୁ ସାହସ ପୂର୍ବକ କାବୁ କରିବା ପାଇଁ ଉଦ୍ୟମ କରିଥିଲେ। ବହୁତ ସମୟ ଧସ୍ତାଧସ୍ତି ହେବା ପରେ ନିଜକୁ ବଞ୍ଚାଇବା ଯାଇ ଚୋର ଜଣଙ୍କ ଖସି ସେଠାରୁ ଦୌଡ଼ି ପଳାଇ ଥିଲା। ତେବେ ସିସିଟିଭି ଫୁଟେଜରେ ଚୋରର ଚେହେରା ସ୍ପଷ୍ଟ ଦିଶୁଥିବା ଜଣାପଡୁଛି। ଏହି ଘଟଣା ଘଟିବା ପରେ ବାହାଦୂର ଜଣଙ୍କ ଦୋକାନ ମାଲିକ ବିଶ୍ୱଜିତ ସାହୁଙ୍କୁ ଫୋନ ଯୋଗେ ଅବଗତ କରାଇବା ପରେ ପୁଲିସ ପାଟ୍ରୋଲିଂ ଗାଡିକୁ ସୂଚନା ଦେଇଥିଲେ। ଫଳରେ କିଛି ସମୟ ମଧ୍ୟରେ ପୁଲିସ ଆସି ଘଟଣାସ୍ଥଳରେ ଉପସ୍ଥିତ ହୋଇଥିଲା। ଦୋକାନ ମାଲିକ ପହଞ୍ଚିବା ପରେ ପ୍ରାଥମିକ ସ୍ତରର ତଦନ୍ତରେ ପ୍ଲାସ, ହାତୁଡ଼ି ଓ କଟର ମେସିନ ବ୍ୟବହାର କରି ଚୋର ଗ୍ରୀଲ ଓ ସଟରରୁ ୩ ତାଲା କାଟିଥିବା ବେଳେ ଅନ୍ୟ ଏକ ତାଲା କାଟିବା ପାଇଁ ପ୍ରୟାସ କରୁଥିବା ବେଳେ ଧରାପଡ଼ିଥିଲା। ଆଜି ସକାଳେ ଦୋକାନ ମାଲିକ ଶ୍ରୀ ସାହୁ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଏକ ମାମଲା ରୁଜୁ କରି ଦୋକାନ ସିସିଟିଭି ଫୁଟେଜ ସହ ସମ୍ମୁଖରେ ଥିବା ଅନ୍ୟ ଦୋକାନରେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଚୋରର ମୁହଁ ସ୍ପଷ୍ଟ ହୋଇଥିବା ବେଳେ ଖବର ଶେଷ ସୁଦ୍ଧା ଚୋରକୁ ଧରିବାରେ ପୁଲିସ ସଫଳ ହୋଇ ନଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## 'ଓଡ଼ିଶା ଲୋକ ଦଳ' ପକ୍ଷରୁ ଢିଙ୍କିଆରେ ସାଧାରଣ ସଭା

**ପାରାଦୀପ,୧୫।୩(ସମିସ):** ପାରାଦୀପ ଉପକଣ୍ଠ ଢିଙ୍କିଆ ଚାରି ଦେଶରେ ବିଭିନ୍ନ ସଙ୍ଗଠନ ସହିତ ବିଭିନ୍ନ ରାଜନୈତିକ ଦଳ କାର୍ଯ୍ୟ କରୁଥିବା ବେଳେ ଆଜି ଏକ ନୂଆ ରାଜନୈତିକ ଦଳର ପରିକଳ୍ପନା ହୋଇଛି। ଏହି ଦଳ ପ୍ରଥମ କରି ଢିଙ୍କିଆ ଚାରି ଦେଶରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଛି। ବିଭିନ୍ନ ଶ୍ରେଣୀର ଲୋକଙ୍କ ସମସ୍ୟାକୁ ନେଇ ସରକାରଙ୍କ ପାଖରେ ସ୍ୱର ଉତ୍ତୋଳନ କରିବ ବୋଲି ଉପସ୍ଥିତ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କ ପାଖରେ ନିଜର ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଏହି ଦଳ 'ଡ଼ିଶା ଲୋକ ଦଳ' ନାମରେ ଏବେ କୋଣ ଅନୁକୋଣରେ ପରିଚୟ ସୃଷ୍ଟି କରିଛି। ଯୁବ ଛାତ୍ର ସଂଗଠନ 'ଓଡ଼ିଶା ଲୋକ ଦଳ' ସଭାପତି ପ୍ରିୟବ୍ରତ ଦାସ ଥିବା ବେଳେ ରାଜ୍ୟ ସଭାପତି ସନ୍ତୋଷ ନାରାୟଣ, କୃଷକ ସାମ୍ମୁଖ୍ୟ ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହି ସଭାରେ ସ୍ଥାନୀୟ ଅଞ୍ଚଳର ମାନସ ବର୍ଦ୍ଧନ, ସର୍ବେସର ମଲ୍ଲିକ, ଜିତେନ୍ଦ୍ର ପ୍ରାସାଦ ଦାସ, ଭଗବାନ ରଣା ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସୁଚାର ଭାବେ କରିଥିଲେ।

## ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପାରାଦୀପ,୧୫।୩(ସମିସ):** ପାରାଦୀପ ନଗର ବିଜୁ ଜନତା ଦଳ ସହଯୋଗରେ ଦଳର ପୂର୍ବତନ ସାଂସଦଙ୍କ ପ୍ରତିନିଧି ପପୁ ପରିଡ଼ାଙ୍କ ସ୍ମୃତିରେ ଆଜି ଆୟୋଜିତ ଦୁଇଦିନିଆ ପପୁ ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ପୌର ପରିଷଦ ୮ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ ଭଲିବଲ ପଡିଆରେ ଶ୍ରୀରାମ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସ୍ୱର୍ଗତ ପପୁ ପରିଡାଙ୍କ ବଡ଼ ଝିଅ ପ୍ରିୟାଁସୀ ପରିଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚେନ୍ନାଇ ରାଧା କମ୍ପାନୀର ମୁଖ୍ୟ ହୃଷୀକେଶ ମଣ୍ଡଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ସମ୍ପାଦକ ସୁଶୀଲ ମହାପାତ୍ର ଓ ଅନ୍ୟତମ ଜିଲ୍ଲା ସମ୍ପାଦକ ମାନସ ବିଶ୍ୱାଳ, କାଉନସିଲର ମନୋଜ ନାୟକ, ବିଜେଡି ନେତା ଲପନ ପରିଡ଼ା ଓ ଦିପୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାରାଦୀପ ଅଞ୍ଚଳର ୧୬ଟି କ୍ରିକେଟ ଟିମ ଭାଗ ନେଇଛନ୍ତି। ଆଜି ଉଦଘାଟନୀ ମ୍ୟାଚ ଲକପଡାର ଷ୍ଟୋନ କ୍ରିକେଟ ଟିମ ଓ ବିଜୟଚନ୍ଦ୍ରପୁରର ମୁକ୍ତାର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବ।

## ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ସ୍ମୃତିସଭା



**ଜଗତସିଂହପୁର,୧୫।୩(ସମିସ):** ମହୀୟସୀ ନାରୀନେତ୍ରୀ ମାଳତୀ ଚୌଧୁରୀଙ୍କ ୨୮ତମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ମାଳତୀ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସ୍ମୃତିଚାରଣ କରି ମାଳତୀ ଚୌଧୁରୀ ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିବା ସହିତ ତାଙ୍କ ତ୍ୟାଗପୂତ ଜୀବନ ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ଶିକ୍ଷୟିତ୍ରୀ ରଶ୍ମିତା ଦାଶ, ଆଶାଲତା ଦାଶ, ଅନିତା ଆଚାର୍ଯ୍ୟ, କ୍ରିଷ୍ଣାପ୍ରିୟା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କୋଠିରେ ବର୍ଷୀୟାନ୍ କୃଷକଙ୍କ ପରଲୋକ

**କୁଜଙ୍ଗ,୧୫।୩(ସମିସ):** କୁଜଙ୍ଗ ବ୍ଲକ କୋଠି ଗ୍ରାମର ବର୍ଷୀୟାନ ଚାଷୀ ତଥା ପ୍ରମୁଖ ଧର୍ମପ୍ରାଣ ବ୍ୟକ୍ତି ରାଜକିଶୋର ଚୌଧୁରୀ (୮୯)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୁଲୋଚନା ଚୌଧୁରୀ, ପୁତ୍ର ନାରାୟଣ ଚୌଧୁରୀ, ସୁଦର୍ଶନ ଚୌଧୁରୀ, ଜ୍ୱାଇଁ କେଳୁଚରଣ ଜେନା, ବାଳକୃଷ୍ଣ ଜେନା, ପବିତ୍ର କୁମାର ସ୍ୱାଇଁ, ଝିଅ ପିକନ ଜେନା, କଳ୍ପନା ସ୍ୱାଇଁ, ବୋହୁ ଲକ୍ଷ୍ମୀ ଚୌଧୁରୀ, ସରସ୍ୱତୀ ଚୌଧୁରୀଙ୍କ ସହ, ସଞ୍ଜୟ ସାଗର ଓ ଗୁଡୁ ସ୍ୱାଇଁ, ଚିକୁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଛି ଓ ଜ୍ୟେଷ୍ଠ ପୁତ୍ର ନାରାୟଣ ଚୌଧୁରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଶୋକର ଛାୟା ଖେଳି ଯାଇଛି।

## ଗଙ୍ଗଦାରେ ସ୍ୱାସ୍ଥ୍ୟ ସେବା ଶିବିର

**ନାଉଗାଁ,୧୫।୩(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ମଉଳାଭଣଜା ମହାବିଦ୍ୟାଳୟ ପରିସରରେ ଜଗତସିଂହପୁର ଜିଲା ବିକାଶ ପରିଷଦ ଓ ବୈକୁଣ୍ଠ ଉର୍ବଶୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଡାକ୍ତର ଲକ୍ଷ୍ମୀକାନ୍ତ ନନ୍ଦ ଓ ବିକାଶ ପରିଷଦର ମୁଖ୍ୟ ସଂଯୋଜକ ସୂର୍ଯ୍ୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମେଡିସିନ ବିଭାଗର ଡା. ସୁଜିତ୍ କୁମାର, ଅସ୍ଥିଶଲ୍ୟ ବିଭାଗର ଡା. ଜିତେନ୍ଦ୍ର ଷଡ଼ଙ୍ଗୀ, ସର୍ଜରୀ ବିଭାଗର ଡା. ଜଗତମୋହନ ରଥ, ଦନ୍ତରୋଗ ବିଭାଗର ଡା. ସୁରଭି ଦେବତା, ଚକ୍ଷୁ ବିଭାଗର ଡା. ପୂଜା ଦାସ, ସ୍ତ୍ରୀ ରୋଗ ବିଭାଗର ଡା. ସୋନି ନନ୍ଦ, ଚର୍ମରୋଗ ବିଭାଗର ଡା. ସବ୍ୟସାଚୀ ଦେବତା, ଶିଶୁରୋଗ ବିଭାଗର ଡା. ଗଙ୍ଗାଧର ବେହେରା, ହୋମିଓପାଥିକ ପ୍ରଫେସର ଲକ୍ଷ୍ମୀକାନ୍ତ ନନ୍ଦ, ଡା. ଘନଶ୍ୟାମ ମୁଦୁଲି, ଡା. ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରକୁ ଆସିଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହିତ ଅନୁଷ୍ଠାନ ପକ୍ଷରୁ ଏଠାରେ ରୋଗୀମାନଙ୍କ ପାଇଁ ମାଗଣା ଇସିଜି, ରକ୍ତଚାପ, ମଧୁମେହ ଏବଂ କ୍ୟାଲସିୟମ ଆଦିର ପରୀକ୍ଷା ବ୍ୟବସ୍ଥା ହୋଇଥିବା ବେଳେ ସେମାନଙ୍କୁ ମାଗଣା ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ଏହି ଶିବିରର ସମସ୍ତ ବିଭାଗ ଗୁଡିକରେ ସ୍ଥାନୀୟ ଅଞ୍ଚଳ ଗୁଡ଼ିକରୁ ପ୍ରାୟତ ତିନିଶହରୁ ଊର୍ଦ୍ଧ୍ୱ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଦେଖିବାକୁ ମିଳିଥିଲା।

### ପାରାଦୀପରେ ବିଜେପିର ରାଜ୍ୟସଭା 'ଭୋଟ' କସରତ

# ଯୋଗଦେଲେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି



ପାରାଦୀପ,୧୫।୩(ସମିସ)

ବହୁ ଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନ ପୂର୍ବରୁ ଶାସକ ବିଜେପି ଦଳର ବିଧାୟକମାନେ ବନ୍ଦର ନଗରୀ ପାରାଦୀପରେ ଏକାଠି ହୋଇଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ବିଧାୟକମାନେ କସରତ କରିଛନ୍ତି। କ୍ରସ୍ ଭୋଟିଂ ଭୟ ଥିବାରୁ ସମସ୍ତ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ ଦଳୀୟ ନେତୃତ୍ୱ ତାଗିଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦୀପର ହୋଟେଲ ମେ'ଫେୟାରରେ ଏକ ଭୋଟ୍ ଦାନ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। କିଭଳି ଭୋଟ୍ ନାକଚ ନହେବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଛି। ଗତକାଲିଠାରୁ ପାରାଦୀପ ହୋଟେଲ ମେ' ଫେୟାରର ରହୁଥିବା ବିଧାୟକଙ୍କ ସହିତ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳ ସଭାପତି ମନମୋହନ ସାମଲ ସାମିଲ ହୋଇଛନ୍ତି। ବିଧାୟକଙ୍କୁ କଡ଼ା ନଜରରେ ରଖାଯାଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ହୋଟେଲ ମେ' ଫେୟାରର ପ୍ରତିଷ୍ଠାତା ଦିଲ୍ଲୀପ ରାୟଙ୍କ ପକ୍ଷରୁ ବିଧାୟକଙ୍କ ରହିବା ଓ ଅନାନ୍ୟ ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ସକାଳ ୮ଟାରୁ ବାହାରି ସମସ୍ତ ବିଜେପି ବିଧାୟକମାନେ ଭୁବନେଶ୍ୱର ଯାତ୍ରା କରିବେ। ସେଠାରେ ପହଞ୍ଚି ଭୋଟ୍ ଦାନ କରିବେ। ବିଜେପି ବିଧାୟକଙ୍କ ସହିତ ବିଜେପିକୁ ସମର୍ଥନ ଦେଉଥିବା ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଶିଳ୍ପ ସମ୍ବନ୍ଧରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ଼ ଇକୋନୋମିକ୍ ଜୋନ୍ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡିକ ଯେପରି ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ସେଥି ପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପାରାଦୀପ ବନ୍ଦର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା, ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଏଲ, ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ସମ୍ପର୍କରେ ଏହି ସମୀକ୍ଷା ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ, ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ରକଳ୍ପ ପ୍ରତିଷ୍ଠା ସହିତ ଏହି ସବୁ ପ୍ରକଳ୍ପଗୁଡିକର ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ଶାର ଯୁବପିଢ଼ି ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କ ସମେତ ପାରାଦୀପ ବନ୍ଦର, ଆଇଓସିଏଲ, ଜେଏସ୍‌ଡବ୍ଲ୍ୟୁ, ଏଏମ୍/ଏନ୍‌ଏସ୍‌ର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## କିଡ୍‌ନୀ ରୋଗ ପରୀକ୍ଷଣ ଓ ସଚେତନତା



**ଢେଙ୍କାନାଳ,୧୫ ।୩(ସମିସ):** ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ବିନୋଦ ଭବନରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ରୋଟାରୀ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ କିଡ୍‌ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ୍ ସଭାନେତ୍ରୀ ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ କିଡ୍‌ନୀ ରୋଗ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ସଞ୍ଜୀବନୀ ସଂଯୋଜକ ଦେବଦତ୍ତ ମିଶ୍ର ଓ ଜିଲ୍ଲା ରେଡକ୍ରସ ଉପାଧ୍ୟକ୍ଷ ରାଜକିଶୋର ବେହେରା ସଚେତନତା ହିଁ ସୁରକ୍ଷାକୁ ମୂଳ ଆଧାର ଭାବେ ଗ୍ରହଣ କରି ପ୍ରତ୍ୟେକ ଜନସାଧାରଣ ନିଜ ସ୍ତରରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସହ ସହଯୋଗ କଲେ ଆମେ କିଡ୍‌ନୀ ରୋଗକୁ ପ୍ରତିହତ କରିପାରିବା ବୋଲି ପ୍ରକାଶ କରିଥିଲେ। ଏହି ଦ୍ୱିତୀୟ ପର୍ଯ୍ୟାୟ କିଡ୍‌ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିରରେ ଶତାଧିକ ଜନସାଧାରଣ ଯୋଗଦେଇ ନିଜ ରକ୍ତ ନମୁନା ପ୍ରଦାନ କରିଥିଲେ। ପରୀକ୍ଷଣ ହୋଇଥିବା ରକ୍ତ ନମୁନାରୁ ୧୨ଜଣଙ୍କ ରିପୋର୍ଟ ପଜିଟିଭ୍ ଦର୍ଶାଇଥିଲା। ସେମାନଙ୍କୁ ପରବର୍ତ୍ତୀ ଚିକିତ୍ସା ପରାମର୍ଶ ଦିଆଯାଇଛି। ରୋଟାରିଆନ୍ ତପନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ୍ ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ନାରାୟଣ ପାଣି, ପ୍ରଦୋଷ ଶତପଥୀ, ଡ. ଭବାନୀ ଶଙ୍କର ଦାସ, ସୌମ୍ୟରଞ୍ଜନ ମିଶ୍ର ଏବଂ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ମହେଶ ପ୍ରସାଦ ଅଗ୍ରୱାଲ, କୃଷ୍ଣଚନ୍ଦ୍ର ଦେବତା, ଲୋକନାଥ ମହାପାତ୍ର ଓ ଦୁଷ୍ମନ୍ତ ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଟେକ୍ନିସିଆନ୍, ନର୍ସଂ ଷ୍ଟାଫ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି ଶିବିରର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଆସନ୍ତା ୨୧ ଓ ୨୮ ତାରିଖ ପୂର୍ବାହ୍ନ ୯ରୁ ୧୨ଟା ପର୍ଯ୍ୟନ୍ତ ବିନୋଦ ଭବନ ପରିସରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଗ୍ୟାସର କୃତ୍ରିମ ଅଭାବ, କଳାବଜାରୀ ଆରମ୍ଭ

**ଖଜୁରିଆକଟା,୧୫ ।୩(ସମିସ):**



ଆଧୁନିକ ଯୁଗରେ ଗ୍ୟାସ ଏକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀରେ ପରିଣତ ହୋଇଛି। ଏହାର ସୁଯୋଗ ନେଇ ସରକାରଙ୍କ ଜାଣତରେ ଏହାର କଳାବଜାରୀ କରିବା ପାଇଁ କିଛି ଅସାଧୁ ବ୍ୟବସାୟୀ ଉଦ୍ୟମ ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି। ପୂର୍ବରୁ ସରକାର ଏକକାଳୀନ ଗ୍ୟାସ ମୂଲ୍ୟରେ ୬୦ ଟଙ୍କା ବୃଦ୍ଧି କରିଥିଲେ। ଯାହାକି ଲୋକଙ୍କ ପକେଟକୁ ବହୁତ ବାଧିଥିଲା। ମାତ୍ର ତାକୁ ଲୋକମାନେ କର୍ମକୁ ଆଦରି ମୁଣ୍ଡପାତି ସହିଯାଇଥିଲେ। ଏବେ ରୋଷେଇ ଘରେ ଗ୍ୟାସର କୃତ୍ରିମ ଅଭାବ ଦେଖାଦେଲାଣି। ଯାହାକି ଅସହ୍ୟ ହୋଇଛି। ହିନ୍ଦୋଳର କୁକୁଟା, କାରନ୍ଦା, ଦୁଦୁରକୋଟ, ହିନ୍ଦୋଳ, ରାସୋଳ ଆଦି ସ୍ଥାନରେ ବିତରକ ମାଧ୍ୟମରେ ଇଣ୍ଡେନ୍, ଭାରତ ଆଦି କମ୍ପାନୀର ଗ୍ୟାସ ଯୋଗାଇ ଦିଆଯାଉଛି। ବୁକିଂ କରି ଗ୍ୟାସ ହୋମ ଡେଲିଭରି ମଧ୍ୟରେ କମ୍ପାନୀଗୁଡ଼ିକ ନିଜ ଗାଡ଼ିରେ ଗ୍ରାହକଙ୍କ ଘରେ ଗ୍ୟାସ ପହଞ୍ଚାଇ ଦେଉଥିଲେ। ମାତ୍ର ଏବେ ଗ୍ୟାସ ବୁକିଂ ନମ୍ବରକୁ ବ୍ଲକ କରି ଦିଆଯାଇଛି। ଏବେ ଫୋନ ମାଧ୍ୟମରେ ଗ୍ୟାସ ବୁକ କରି ହେଉନାହିଁ। ଫଳରେ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଲୋକଙ୍କୁ ରୋଷେଇ ପାଇଁ ଗ୍ୟାସ ମିଳୁ ନାହିଁ। ବହୁ ହୋଟେଲ ଢାବାକୁ ଅତି ସହଜରେ ଗ୍ୟାସ ମିଳୁଥିବା ବେଳେ ସାଧାରଣ ଲୋକ ଗ୍ୟାସଟିଏ ବୁକିଂ କରି ନ ପାରି ବହୁ ହଇରାଣ ହେଉଥିବା ଦେଖାଯାଉଛି। ହିନ୍ଦୋଳର ଗ୍ୟାସ ବିତରଣ କେନ୍ଦ୍ରଗୁଡ଼ିକ ବାହାରେ ଗ୍ରାହକଙ୍କ ଲମ୍ବା ଲାଇନ ଲାଗୁଛି। ଯାହାକି ପୂର୍ବରୁ କେବେ ଏଭଳି ଦେଖାଯାଉ ନ ଥିଲା। ସେଠାରେ ଗ୍ରାହକମାନଙ୍କୁ ମଧ୍ୟ ବିଭିନ୍ନ ଉପାୟରେ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ଭାରତ ସରକାର ଏବଂ ରାଜ୍ୟ ସରକାର ଗ୍ୟାସର ଅଭାବ ନାହିଁ କହୁଥିବା ବେଳେ ଚଢ଼ା ଦରରେ କଳା ବଜାରରେ କିଲୋ ପ୍ରତି ୧୨୦ ଟଙ୍କାରେ ମିଳୁଛି ଗ୍ୟାସ। ଯୋଗାଣ ବିଭାଗ ଯଥାଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ପର୍ଯ୍ୟାପ୍ତ ଗ୍ୟାସ ଥାଇ ଲୋକଙ୍କୁ ଏଭଳି ହଇରାଣ କରାଯିବାର କାରଣ କଳାଟଙ୍କା ରୋଜଗାର ପାଇଁ ନୁହେଁ ତ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି ରାଇଡିହିର କଣ୍ଢେଇ ନାଚ



**ଢେଙ୍କାନାଳ,୧୫ ।୩(ସମିସ):** ଦୁର୍ଲଭ ଲୋକକଳା କଣ୍ଢେଇ ନୃତ୍ୟର ଗାଁ ସଦର ବ୍ଲକ ଅନ୍ତର୍ଗତ ରାଇଡିହିଠାରେ ଐତିହ୍ୟ ପଦଯାତ୍ରାର ୩୫ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପଦଯାତ୍ରୀମାନେ ରାଇଡିହିଠାରେ ପହଞ୍ଚିବା ପରେ ଗ୍ରାମର କଣ୍ଢେଇ ନୃତ୍ୟ କଳାକାରମାନେ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସ୍ଥାନୀୟ କୋଠଘରେ ଗ୍ରାମବାସୀ, କଣ୍ଢେଇ ନୃତ୍ୟ କଳାକାର ଓ ପଦଯାତ୍ରୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏକଦା ସମଗ୍ର ରାଜ୍ୟରେ ମନୋରଞ୍ଜନର ମାଧ୍ୟମ ଥିବା ଏହି କଣ୍ଢେଇ ନୃତ୍ୟ ଏବେ ନିଜ ସ୍ଥିତି ପାଇଁ ସଂଘର୍ଷ କରୁଛି। ଆଧୁନିକ ଯୁଗରେ ମନୋରଞ୍ଜନ ପାଇଁ ଅନେକ ମାଧ୍ୟମ ଉପଲବ୍ଧ ହେବା ପରେ ଓଡ଼ିଶାର ଏହି ପ୍ରସିଦ୍ଧ ଲୋକକଳା ଓ ତାକୁ ନେଇ ପେଟ ପୋଷୁଥିବା କଳାକାରମାନେ ହାତବାନ୍ଧି ବସିଛନ୍ତି। ଭାରତରେ ସାଧାରଣତଃ ଚାରି ପ୍ରକାର କଣ୍ଢେଇ ନୃତ୍ୟ ଦେଖାଯାଏ ଏବଂ ଏହି ଚାରିଟିଯାକ କଣ୍ଢେଇ ନୃତ୍ୟ ଓଡ଼ିଶାରେ ଏବେବି ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ସୂତା କଣ୍ଢେଇ ସର୍ବାଧିକ ପ୍ରଚଳିତ କଣ୍ଢେଇ ନୃତ୍ୟ। ଯାହାକି ଢେଙ୍କାନାଳ ରାଇଡିହି ଗ୍ରାମରେ ଏବେ ବି ବଞ୍ଚିରହିଛି। ୧୯୫୨ ମସିହାରୁ ଏଯାବତ ଏହି ବିରଳ ଲୋକକଳା କଣ୍ଢେଇ ନୃତ୍ୟ ରାଇଡିହିରେ ବଞ୍ଚିରହିଛି। ଏହି ଗ୍ରାମରେ ୧୭ଟି କଣ୍ଢେଇ ନୃତ୍ୟ ଦଳ ଏବେ ବି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ସେମାନଙ୍କ କଳା ପରିବେଷଣ କରୁଛନ୍ତି। ଗୋଟିଏ ଗାଁରେ ଏତେ ସଂଖ୍ୟକ କଣ୍ଢେଇ ନୃତ୍ୟଦଳ ରହିବା ଆମ ରାଜ୍ୟରେ ବିରଳ। ଆର୍ଥିକ ଅସ୍ୱଚ୍ଛଳତା ଓ ଏହି କଳା ପ୍ରତି ଧୀରେ ଧୀରେ ଲୋକଙ୍କ ଅନାଗ୍ରହ ଯୋଗୁଁ ଏହା ମୃତପ୍ରାୟ ହେବାକୁ ବସିଲାଣି। କେବଳ ଏହି କଳା ପ୍ରତି ଥିବା ଆବେଗିକ ସମ୍ପର୍କ ଯୋଗୁଁ ଏହି ଗ୍ରାମର ଲୋକେ ଢୋକେ ପିଇ ଦଣ୍ଡେ ଜିଇଁ ନ୍ୟାୟରେ କଣ୍ଢେଇ ନୃତ୍ୟକୁ ବଞ୍ଚେଇ ରଖିଛନ୍ତି। ନୂତନ ପିଢ଼ି ଏହାପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏହି ଲୋକକଳା ଦିନେ ଇତିହାସ ପାଲଟିଯିବ ବୋଲି ଉପସ୍ଥିତ ସମସ୍ତ କଳାକାର କ୍ଷୋଭଭରା କଣ୍ଠରେ ମତ ପ୍ରକାଶ କରିଥିଲେ। ଏହି ଗ୍ରାମରେ ଏତେ ସଂଖ୍ୟକ ଦଳ ରହି ଥିବାରୁ ରାଇଡିହିକୁ ସରକାରୀ ସ୍ତରରେ କଣ୍ଢେଇ ନୃତ୍ୟର ଗାଁ ରୂପେ ଚିହ୍ନିତ କରିବା ପାଇଁ ଐତିହ୍ୟ ପଦଯାତ୍ରା ତରଫରୁ ଜିଲ୍ଲା ପ୍ରଶାସନକୁ ନିବେଦନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ରାଇଡିହିରେ କଣ୍ଢେଇ ନୃତ୍ୟ ସମେତ କଣ୍ଢେଇ ନିର୍ମାଣ ତଥା ବ୍ୟକ୍ତିଗତ ସ୍ତରରେ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି। ଜିଲ୍ଲାର ସାଂସ୍କୃତିକ ଐତିହ୍ୟର ଜୀବନ୍ତ ପ୍ରତୀକ ରାଇଡିହିର କଣ୍ଢେଇ ନୃତ୍ୟ କଳାର ଐତିହ୍ୟ ଓ ପରମ୍ପରାକୁ ଅନୁଧ୍ୟାନ କରିବା ନିମନ୍ତେ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ବିଶ୍ୱରଞ୍ଜନ ଦେହୁରୀ, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ଜନ୍ମେଜୟ ରାଉତ, ଅନୀଲଦତ୍ତ ସ୍ୱାଇଁ, ପଦ୍ମନାଭ ଲେଙ୍କା, ଅକ୍ଷୟ କୁମାର ଦାସ, ସାରନାଥ ମିଶ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ରାହୁଲ କୁମାର ନାୟକ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୫ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବାସୁଦେବ ଧଳ, ସୁଶାନ୍ତ କୁମାର ଧଳ, ସୁଶାନ୍ତ ଧଳ, ବିନୟ କୁମାର ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଢେଇ ନୃତ୍ୟ ପରିବେଷଣ କରାଯାଇଥିଲା।

## ଉଜ୍ଜ୍ୱଳା ଗ୍ୟାସ ବିତରଣରେ ଅନିୟମିତତା ଅଭିଯୋଗ



**ପରଜଙ୍ଗ,୧୫ ।୩(ସମିସ):** ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ କଣ୍ଡେଖୋଲ ଗ୍ରାମର ରାସନ୍ କାର୍ଡଧାରୀ ଖଜୁରୀ କାଣ୍ଡି (୬୨) ୨୦୧୮ ରେ ଉଜ୍ଜ୍ୱଳା ଗ୍ୟାସ ଯୋଜନାରେ ସରାଙ୍ଗସ୍ଥିତ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ ନିକଟରେ ଆବେଦନ କରିଥିଲେ। ଆବେଦନ କରିବା ପରେ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକ ମାଲିକ ମୃତ୍ୟୁଞ୍ଜୟ ନାଥ ତାଙ୍କୁ ତୁମର ଉଜ୍ଜ୍ୱଳା ଗ୍ୟାସ୍ ହୋଇନାହିଁ ପରବର୍ତ୍ତୀ ସମୟରେ ହବ ବୋଲି କହିଥିଲେ। ଇତିମଧ୍ୟରେ ଖଜୁରୀ କାଣ୍ଡି ଦୀର୍ଘ ୮ ବର୍ଷ ହେବ ଉଜ୍ଜ୍ୱଳା ଗ୍ୟାସ୍ ପାଇଁ ବିଭିନ୍ନ ସମୟରେ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ ପାଖକୁ ବାରମ୍ବାର ଯାଇ କାଗଜପତ୍ର ଦେଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଦୀର୍ଘ ହୋଇନାହିଁ ବୋଲି କହି ଆସୁଥିଲେ। ତେବେ ଖଜୁରୀଙ୍କ ପୁଅ ଚଗଲା କାଣ୍ଡି ଏହାର ସତ୍ୟାସତ୍ୟ ଜାଣିବାକୁ ମା'ଙ୍କ ରାସନ୍ କାର୍ଡ ଏବଂ ଆଧାର କାର୍ଡ ଧରି ଜନସେବା କେନ୍ଦ୍ରକୁ ଯାଇ ଯାଞ୍ଚ କରିବା ବେଳେ ୨୦୧୮ରୁ ମାଆଙ୍କ ନାମରେ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ କରାଯାଇଥିବା ଜାଣିବାକୁ ପାଇଥିଲେ। ଯାହାକି ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ କୋଡ୍ ନଂ-୧୯୦୪୫୦ ଅଟେ। ଖଜୁରୀ କାଣ୍ଡିଙ୍କ ଗ୍ୟାସ କଞ୍ଜୁମର ନଂ ୯୬୦୩୯୮୬୨ ହୋଇଥିବା ବେଳେ ଆଇଡି ନଂ ୧୦୦୦୦୦୦୦୦୯୬୦୩୯୮୬୨ ଅଟେ ବୋଲି ଜାଣିବାକୁ ପାଇଥିଲେ। ପରେ ଉଜ୍ଜ୍ୱଳା ପୋର୍ଟାଲ ମାଧ୍ୟମରେ ଗ୍ୟାସ ବିତରକ ସଂସ୍ଥା ନାମରେ ଅଭିଯୋଗ କରିଥିଲେ। ପରେ ଗ୍ୟାସ୍ ବିତରକ ସଂସ୍ଥା ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ ଡକାଇ ତୁମ ଗ୍ୟାସ ଆମ ଏଜେଣ୍ଟ ନେଇଯାଇଛନ୍ତି ତାଙ୍କୁ କହିଛି ତୁମକୁ ଦେଇଦେବେ ବୋଲି କହିଥିଲେ ସୁଦ୍ଧା ଠକି ଚାଲିଛନ୍ତି। ଶେଷରେ ଖଜୁରୀ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଏହି ବିଷୟରେ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକର ମାଲିକ ମୃତ୍ୟୁଞ୍ଜୟ ନାଥ କୁହନ୍ତି ଉକ୍ତ ମହିଳାଙ୍କ ଗ୍ୟାସକୁ ଆମ ଏଜେଣ୍ଟ ନେଇଯାଇଛନ୍ତି। ତାଙ୍କୁ କହିଛି ଗ୍ୟାସ ମହିଳାଙ୍କୁ ଫେରେଇ ଦେବେ। ତେବେ ଜଣେ ବୃଦ୍ଧା ଦୀର୍ଘ ୮ ବର୍ଷ ହେବ ଉକ୍ତ ଗ୍ୟାସ ବିତରକଙ୍କ ପାଖକୁ ଦୌଡୁଥିବା ବେଳେ ଗ୍ୟାସ ବିତରକ ତାଙ୍କ ନାମରେ ହୋଇଥିବା ଗ୍ୟାସ ବିକ୍ରି କରିଦେଇଥିବା ଅଭିଯୋଗ କରିଛନ୍ତି। ଏପରି ଆଉ କେତେ ଜଣଙ୍କ ଗ୍ୟାସ ବାଟମାରଣା ହୋଇଛି ଯୋଗାଣ ବିଭାଗ ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମହିଳାଙ୍କ ପୁଅ ଦାବି କରିଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ 'ଆପ୍'ର ପ୍ରସ୍ତୁତି ବୈଠକ



**ଢେଙ୍କାନାଳ,୧୫ ।୩(ସମିସ):** ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର କୋର କମିଟି ବୈଠକ ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଦର ଓ ଗନ୍ଦିଆ ବ୍ଲକର ଦୁଇଟି ଲେଖାଏଁ ଜୋନ୍‌ର ଦାୟିତ୍ୱ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ସଂଗଠନ ସମ୍ପାଦକ ଭରତ ଦାସ ଯୋଗଦେଇ ଦେଶରେ ବଢୁଥିବା ଆପ୍‌ର ଲୋକପ୍ରିୟତା, ବିଜେପିର ଭୁଲ ବିଦେଶ ନୀତି ଯୋଗୁଁ ଜନସାଧାରଣ ଭୋଗୁଥିବା ଯନ୍ତ୍ରଣା ଓ ଆମ୍ ଆଦମୀ ପାର୍ଟିର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଭାରତରେ ଭ୍ରଷ୍ଟ ଓ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ଆମ୍ ଆଦମୀ ପାର୍ଟି ନିହାତି ଶାସନକୁ ଆସିବା ଦରକାର ବୋଲି କହିଥିଲେ। ଜିଲ୍ଲା ସଭାପତି ରମେଶ ପଣ୍ଡା ଜିଲ୍ଲାର ସାଙ୍ଗଠନିକ ସ୍ଥିତି ଉପସ୍ଥାପନ କରିଥିଲେ। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଅନିଲ ସାମଲ, ସରସ୍ୱତୀ ପରିଡ଼ା, ପ୍ରସନ୍ନ ବରାଳ, କୋଷାଧ୍ୟକ୍ଷ କବିଜ୍ୟୋତି ନିରଞ୍ଜନ ପତି, ଦେବାଶିଷ ବେହେରା, ଯୁବନେତା ଅରବିନ୍ଦ ବେହେରା, ରୁକ୍ମିଣୀ ଦଳେଇ, ଜୟଦେବ ବେହେରା, ପୀତାମ୍ବର ସାମନ୍ତରାୟ ପ୍ରମୁଖ ଜନତାଙ୍କ ସମସ୍ୟା ଦୂର କରିବା, ପ୍ରତ୍ୟେକ ଜିଲ୍ଲାପରିଷଦ ଜୋନ୍ ଓ ପୌର ନିର୍ବାଚନ ଲଢ଼ିବା ଉପରେ ନିଜ ନିଜ ମତ ରଖି ଦାୟିତ୍ୱ ନେଇଥିଲେ। ଶେଷରେ ଗଁଦିଆ ବ୍ଲକ ସଭାପତି ରୋହିତ ବେହେରା ଧନ୍ୟବାଦ ଦେଇଥିଲେ।

## କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ



**ହିନ୍ଦୋଳ,୧୫ ।୩(ସମିସ):** ଜିଲ୍ଲା ଜଜ୍ ଓ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ସିଭିଲକୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ଜିଲ୍ଲାର ସମସ୍ତ ଅଦାଲତର ମୋଟ ୨୬୮୮ଟି ମାମଲା ଫଏସଲା କରାଯାଇଛି। ସେଥିମଧ୍ୟରୁ ଦୁର୍ଘଟରାଜନିତ ୨୭ଟି, ବିବାହ ଏବଂ ପାରିବାରିକ ମାମଲା ୫ଟି, ଦେୱାନୀ ମାମଲା ୫୯ଟି, ବିଭିନ୍ନ ଫୌଜଦାରୀ ମାମଲା ୩୭୮ଟି, ରାଜସ୍ୱ ମାମଲା ୨୨୧୯ଟି ସମାଧାନ କରାଯାଇଛି। ମୋଟର ଦୁର୍ଘଟଣା ଜନିତ ପ୍ରାପ୍ୟ ବାବଦ ୧ କୋଟି ୪ ଲକ୍ଷ ୪୯ ହଜାର ୬୮୫ ଟଙ୍କା ଜିଲ୍ଲାର ସମସ୍ତ ଅଦାଲତ ମାନଙ୍କରେ ଆଦାୟ କରାଯାଇଛି। ଲୋକ ଅଦାଲତରେ ପାରିବାରିକ ଅଦାଲତ ବିଚାରପତି ଦୀପକ କୁମାର, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେସ୍ମା ଧଳ ବିଶୋଇ, ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଦୀକ୍ଷା ସେଠ ବିଭିନ୍ନ ଅଦାଲତଗୁଡ଼ିକ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକଅଦାଲତର ଭାରପ୍ରାପ୍ତ ବିଚାରପତି ତଥା ରେଜିଷ୍ଟ୍ରାର ସିଭିଲକୋର୍ଟ ସସ୍ମିତା ନାଏକ ସ୍ଥାୟୀ ଏବଂ ନିରନ୍ତର ଲୋକଅଦାଲତ ପରିଚାଳନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ପ୍ୟାନେଲ ଲୟର, ପିଏଲଭି, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସିଭିଲକୋର୍ଟ ସମସ୍ତ କର୍ମଚାରୀ ଏହି ଅଦାଲତ ପରିଚାଳନାରେ ସହାୟତା କରିଥିଲେ।

## ଗଁଦିଆ ପ୍ୟାକ୍ସର ନୂତନ ସଭାପତି ହେଲେ ନର୍ମଦା



**ଗଁଦିଆ,୧୫ ।୩(ସମିସ):** ଗଁଦିଆ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ନର୍ମଦା ସାହୁ। ଉକ୍ତ ସମବାୟ ସମିତିରେ ପୂର୍ବରୁ ସଭାପତି ଦାୟିତ୍ୱରେ ଥିବା ବିଶ୍ୱନାଥ ଜେନାଙ୍କର ଗତ ଫେବୃଆରୀରେ ଦେହାନ୍ତ ହେବାରୁ ପଦବୀ ଖାଲି ରହିଥିଲା। ଚଳିତ ମାସରେ ସମିତି ପରିଚାଳନା କମିଟିର ନିର୍ଦ୍ଦେଶକମାନେ ଏକ ବୈଠକରେ ନୂତନ ସଭାପତି ପାଇଁ ଆଲୋଚନା କରି କମିଟି ନିର୍ଦ୍ଦେଶକ ଅରୁଣ କୁମାର ଜେନା ଉପସଭାପତି ନର୍ମଦା ସାହୁଙ୍କ ନାମକୁ ସଭାପତି ନିମନ୍ତେ ପ୍ରସ୍ତାବ କରିଥିଲେ। ଉକ୍ତ ପ୍ରସ୍ତାବକୁ ସମସ୍ତ ନିର୍ଦ୍ଦେଶକ ସମର୍ଥନ କରି ନର୍ମଦାଙ୍କୁ ସଭାପତି ଭାବେ ମନୋନୀତ କରିଥିଲେ। ଏହାକୁ ଢେଙ୍କାନାଳ ଜିଲ୍ଲା ସମବାୟ ଅଧିକାରୀ ଅନୁମୋଦନ ପ୍ରଦାନ କରିଥିଲେ। ସମବାୟ ସମିତିର କାର୍ଯ୍ୟରତ ସମ୍ପାଦକ ଗୋକୁଳାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ୧୩ଜଣ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

## ତାରିଣୀ ପୀଠରେ ଜ୍ଞାନ ପ୍ରକାଶର ପ୍ରତିଷ୍ଠା ଦିବସ




**ଗଁଦିଆ,୧୫ ।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଗଡ଼ଖଙ୍କିରା ମା' ତାରିଣୀ ପୀଠରେ ଅନ୍ତର୍ଜାତୀୟ ସ୍ତରର ସମ୍ବାଦଶିକ୍ଷା ସାହିତ୍ୟ ଅନୁଷ୍ଠାନ ଜ୍ଞାନ ପ୍ରକାଶର ଦଶମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମା' ତାରିଣୀଙ୍କ ପାଖରେ ଦୀପଦାନ କରାଯାଇ ସମ୍ପ୍ରତି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରାଯାଇଥିଲା। ଢେଙ୍କାନାଳ ତଥା ଗଁଦିଆ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଦସ୍ୟ ସୁଦାମ କୁମାର ସାହୁ, ଶିକ୍ଷା ସମାଜସେବୀ ଅଶୋକପତି, ପ୍ରାକ୍ତନ ସରପଞ୍ଚ ଅଜୟ ଧୀର, ପ୍ରାକ୍ତନ ସମିତି ସଭ୍ୟ ଲାଲା ଆଲୋକ ସିଂହ, ସମାଜସେବୀ ପ୍ରସନ୍ନ କୁମାର ମହାପାତ୍ର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅଗଷ୍ଟ ୨ ତାରିଖ ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବବୋଲି ଶିକ୍ଷା ସମାଜସେବୀ ଅଶୋକ ପତି ଜଣାଇଛନ୍ତି। ଏଥିସହ ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଡାକ କର୍ମଚାରୀଙ୍କ ନିଆରା ପ୍ରୟାସ




**ଖଜୁରିଆକଟା,୧୫ ।୩(ସମିସ):** ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଶାଖା ଡାକଘର ଡାକପାଳ ସୌମ୍ୟରଞ୍ଜନ ସାହୁ (୨୫) ସାଥୀ ଶୁଭାଶିଷ ସାହୁଙ୍କୁ ନେଇ ନିଜ ଅବସର ସମୟରେ ଆଖପାଖ ଅଞ୍ଚଳରେ ପଥଚାରୀମାନଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ଯୋଗାଇବା ସହ ସେମାନଙ୍କ ଦୁଃଖ କଷ୍ଟ ପଚାରି ବୁଝି ତାହାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏ ନେଇ ଅଞ୍ଚଳବାସୀ ତାଙ୍କୁ ଢେର୍ ପ୍ରଶଂସା କରୁଛନ୍ତି। ମାତ୍ର ୪ ବର୍ଷ ତଳେ ସେ ରଞ୍ଜାଗୋଳ ଶାଖା ଡାକଘରେ ଯୋଗଦେଇ ସମସ୍ତ ଡାକସେବା ଯୋଗାଇ ଦେଇଥିବା ଯୋଗୁଁ ବିଭାଗ ତରଫରୁ ବହୁବାର ପୁରସ୍କୃତ ହୋଇଛନ୍ତି। ଉଭୟ ଡାକ ସେବା ଓ ସମାଜସେବା କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ହୋଇଛନ୍ତି। ନିଜସ୍ୱ ଖର୍ଚ୍ଚରେ ଅସହାୟ ଗରିବ ଲୋକଙ୍କ ମୁହଁକୁ ଖାଦ୍ୟ ଯୋଗାଇବା ସହ ସମାଜର ଉନ୍ନତି ମୂଳକ କାମରେ ତାଙ୍କର ଗୋଟିଏ ବଡ଼ ଭୂମିକା ରହିଥିବାରୁ ହିନ୍ଦୋଳବାସୀ ପ୍ରଶଂସା କରିଛନ୍ତି।

# ଆଳୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା ଅଦିନିଆ କେନାଲ ପାଣି

**ଭୁବନ,୧୫ ।୩(ସମିସ):**





ଚିନ୍ତାରେ ଚାଷୀ

ପ୍ରତିବର୍ଷ ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଉଛି। ବାହାର ରାଜ୍ୟରୁ ଆଳୁ ଆସିବା ବନ୍ଦ ହେଲେ ଦର ବୃଦ୍ଧି ସହ ଅନେକ ସମୟରେ ଆଳୁ ମିଳି ନ ଥାଏ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକେ ଆଳୁଚାଷ କରୁଥିବା ବେଳେ ସେମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଓ ଅନ୍ୟ ସହଯୋଗ ମିଳୁ ନ ଥିବାରୁ ଆଶାନୁରୂପ ଚାଷୀ ଆଳୁଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ଭୁବନ ବ୍ଲକ ଅଞ୍ଚଳରେ ବ୍ୟାପକ ଆଳୁଚାଷ ହେଉଥିବା ବେଳେ ଚଳିତ ବର୍ଷ ଅମଳ କମିଛି। ଖର୍ଚ୍ଚ ଅନୁଯାୟୀ ଅମଳ ହୋଇ ନ ଥିବା ବେଳେ ଚାଷୀମାନେ ଚିନ୍ତାରେ ଅଛନ୍ତି। ଗତବର୍ଷ ଆଳୁ ସଙ୍କଟ ଦେଖାଦେଇଥିବା ବେଳେ ଚଢ଼ା ଦରରେ ବିକ୍ରି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅନେକ ଚାଷୀ ଆଳୁଚାଷ କରିଥିଲେ। ମାତ୍ର ଚାଷରେ ଯେଉଁ ଅନୁଯାୟୀ ଖର୍ଚ୍ଚ କରିଥିଲେ ସେହି ପରିମାଣର ଅମଳ ହୋଇନି। ଚାଷୀ ଏବେ ଆଳୁ ଅମଳ କରୁଥିବା ବେଳେ ତାହାକୁ ସାଇତି ରଖିବାକୁ ଭୁବନରେ ଶୀତଳଭଣ୍ଡାର ନାହିଁ। କମ ଅମଳ ସହ ସାଇତିବାକୁ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ବିଲମୁଣ୍ଡରେ ବେପାରୀମାନେ କିଲୋଗ୍ରାମ ପ୍ରତି ୮ରୁ ୧୦ଟଙ୍କା ଲେଖାଏଁ ଦେଇ ଆଳୁ କିଣି ନେଉଛନ୍ତି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ଅଦରଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ଚାଷୀଙ୍କୁ କେବଳ ବିହନରେ ସବସିଡି ମିଳୁଛି। ପ୍ରୋତ୍ସାହନ ରାଶି, ସାର, କୀଟନାଶକ କିମ୍ବା ଆବଶ୍ୟକ ପରାମର୍ଶ ଯୋଗାଇ ଦିଆଯାଉ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ବିଭାଗ ପକ୍ଷରୁ କେଜି ପ୍ରତି ୨୦ଟଙ୍କା ହାରରେ ଆଳୁ ବିହନ ଯୋଗାଣ ହୋଇଥିଲା। ଜଣେ ଚାଷୀ ଅତି କାମରେ ୨ ହେକ୍ଟର ପାଇଁ ଆଳୁ ବିହନ କିଣି ସର୍ବନିମ୍ନ ୩୦୦୦ ଟଙ୍କା ଓ ସର୍ବାଧିକ ୦.୫ ହେକ୍ଟର ଚାଷ କରି ୭୫୦୦ ଟଙ୍କାର ବିହନ ସବସିଡି ପାଇଛନ୍ତି। ଭୁବନକୁ ପ୍ରାୟ ୫୦୦ କୁଇଣ୍ଟାଲ ବିହନ ଆସିଥିବା ବେଳେ ପ୍ରାୟ ୩୨ ହେକ୍ଟର ଜମିରେ ଚାଷ ହୋଇଛି। କିଛି ଚାଷୀ ବିହନ ନ ପାଇବାରୁ ଖୋଲା ବଜାରରୁ କେଜି ପ୍ରତି ୩୦ରୁ ୪୦ଟଙ୍କା ଲେଖାଏଁ ଦେଇ ବିହନ କିଣିଥିଲେ। ବହୁ କଷ୍ଟରେ ଚାଷୀମାନେ ଚାଷ କରୁଥିବା ବେଳେ ଅମଳ କମୁଥିବାରୁ ଖର୍ଚ୍ଚ ଟଙ୍କା ମଧ୍ୟ ଉଠୁନି। ପୁଣି ଅଦରଦରରେ ବିକ୍ରି କରିବାକୁ ପଡୁଛି। ଯାହାକୁ ନେଇ ଅନେକ ଚାଷୀ ଆଳୁ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ଚାଷୀଙ୍କ ପ୍ରୋତ୍ସହନ ସହ ଅନୁସଙ୍ଗିକ ସୁବିଧା ଓ ପରାମର୍ଶ ଯୋଗାଇ ଦେବା ସହ ଶୀଳତଭଣ୍ଡାର ପ୍ରତିଷ୍ଠା ହୋଇପାରିଲେ ଆଳୁଚାଷୀଙ୍କ ସହ ଅନ୍ୟାନ୍ୟ ଚାଷୀମାନେ ମଧ୍ୟ ବିଶେଷ ଉପକୃତ ହୋଇପାରିବେ। ଶୀତଳ ଭଣ୍ଡାର ପ୍ରତିଷ୍ଠା ତ ଦୂରର କଥା ଏଠାରେ ଥିବା ଶୀତଳଭଣ୍ଡାରକୁ ବିକ୍ରି କରିଦିଆଗଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଦେଲା ରେଙ୍ଗାଳି ଜଳସେଚନ ବିଭାଗ ଅମଳ ସମୟରେ କେନାଲରେ ଖରାଦିନିଆ ପାଣି ଛାଡ଼ିବାରୁ ଭଙ୍ଗା କେନାଲରୁ ପାଣି ଯାଇ ଅମଳ ହେବାକୁ ଥିବା ଆଳୁ ବିଲରେ ପାଣି ପଶି ନଷ୍ଟ ହୋଇଗଲା ବୋଲି ଅଭିଯୋଗ ହୋଇଛି। ଭୂଷଳରେ ପ୍ରାୟ ୩ ଏକର ଜମିରେ ଚାଷ କରି ହତାଶ ହୋଇଛନ୍ତି ପ୍ରତାପ କୁମାର ନାୟକ। ଜଳସମ୍ପଦ ବିଭାଗ ଏଥିପ୍ରତି ସଜାଗ ନ ହେଲେ ଆଗାମୀ ଦିନରେ ପ୍ରତାପଙ୍କ ଭଳି ଆହୁରି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବା ସମ୍ଭାବନା ରହିଛି।

